CMYK



ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୭ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 17 February 2026
Vol.No. 36 ■ No.45 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ନୂଆଦିଲ୍ଲୀରେ ଏଆଇ ମହାକୁମ୍ଭକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ,୧୭/୨ : ଭାରତ ମଣ୍ଡପମ୍‌ରେ ଆୟୋଜିତ ବିଶ୍ୱର ସର୍ବବୃହତ୍ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି । ସେ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ଏକ୍ସପୋରେ ଭାଗ ନେଇଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ସହ ଆଲୋଚନା କରିଛନ୍ତି । ଚଳିତ ମାସ ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଅଷ୍ଟ୍ରେଲିଆ, ଜାପାନ, ରୁଷ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଓ ଇଟାଲୀ ଭଳି ୧୩ଟି ଦେଶ ସେମାନଙ୍କ ସ୍ୱତନ୍ତ୍ର ପାଭିଲିୟନ ସ୍ଥାପନ କରିଛନ୍ତି । ଅନ୍ୟ ପକ୍ଷରେ ୬୦୦ଟି ଷ୍ଟାର୍ଟଅପ୍ ମଧ୍ୟ ସେମାନଙ୍କ ଅଭିନବ ଏଆଇ ଚିନ୍ତାଧାରାକୁ ଉପସ୍ଥାପନ କରିଛନ୍ତି । ଆସନ୍ତାକାଲି ସମ୍ମିଳନୀ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲାରହିବ । ତିନିଟି ସ୍ତମ୍ଭ ଜନତା, ଗ୍ରହ ଓ ପ୍ରଗତି ଉପରେ ଆଧାରିତ ଏହି ସମ୍ମିଳନୀରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ମଧ୍ୟ ସେମାନଙ୍କ ପାଭିଲିୟନ ସ୍ଥାପନ କରିଛନ୍ତି । ସରକାରୀ ଆକଳନ ଅନୁସାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ୨୦୨୬କୁ ଅଢ଼େଇ ଲକ୍ଷରୁ ଅଧିକ ପ୍ରତିନିଧି ପରିଦର୍ଶନ କରିବେ । ଏଥିରେ ୫୦୦ରୁ ଅଧିକ ଅଧିବେଶନ ଆୟୋଜନ କରାଯିବ ଯେଉଁଥିରେ ୩୨୫୦ରୁ ଅଧିକ ବକ୍ତା ଭାଗନେବେ । ୭୦ହଜାର ବର୍ଗମିଟରରୁ ଅଧିକ ସ୍ଥାନରେ ଆୟୋଜନ କରାଯାଇଥିବା ଏହି ସମ୍ମିଳନୀରେ ୧୦ଟି ଆରେନା ରହିଛି । ଏହି ସମ୍ମିଳନୀରେ ଗୋଟିଏ ସ୍ଥାନରେ ବିଶ୍ୱର ଅଗ୍ରଣୀ ପ୍ରଯୁକ୍ତି କମ୍ପାନି, ଟେକ୍ ଲିଡର, ଷ୍ଟାର୍ଟଅପ୍, ଗବେଷଣା ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଏକତ୍ରୀତ ହୋଇଛନ୍ତି । ଆଜି ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଥିଲେ ଯେ ଏଆଇ ରୂପାନ୍ତର କ୍ଷେତ୍ରରେ ଭାରତ ଆଗରେ ରହିଛି । ଏଆଇ କ୍ଷେତ୍ରରେ ହେଉଥିବା ପ୍ରୟାସ ଭାରତର ଉଭୟ ଅଭିଳାଷ ଏବଂ ଦାୟିତ୍ୱକୁ ପ୍ରତିଫଳିତ କରୁଛି । ଏଆଇ ଉପରେ ଆଲୋଚନା ପାଇଁ ସାରା ବିଶ୍ୱ ଆଜିଠାରୁ ଏକାଠି ହେଉଛନ୍ତି । ବିଶ୍ୱର ନେତୃବୃନ୍ଦ, ଶିଳ୍ପଜଗତର ମୁଖ୍ୟ, ଉଦ୍ଭାବକ, ନୀତି ନିର୍ମାତା, ଗବେଷକ ଏବଂ ପ୍ରଯୁକ୍ତିପ୍ରେମୀମାନଙ୍କୁ ସେ ସ୍ୱାଗତ କରିଥିଲେ । ଏହି ସମ୍ମିଳନୀର ମୁଖ୍ୟ ବିଷୟ ରହିଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ବା ସମସ୍ତଙ୍କ ପାଇଁ ସୁଖ ଏବଂ ସମସ୍ତଙ୍କ ପାଇଁ ଖୁସି ।

◆◆ପୃଷ୍ଠା ୭

## ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପିଲାଙ୍କୁ ପହଂଚିବାକୁ ସିବିଏସିର ନିର୍ଦ୍ଦେଶ



ଭୁବନେଶ୍ୱର, ୧୭/୨ (ନି.ପ୍ର): ଛାତ୍ରଛାତ୍ରୀଙ୍କ ପାଇଁ ନିୟମ କଡାକଡି କଲା ସିବିଏସି । ନିର୍ଦ୍ଧାରିତ ସମୟ ପୂର୍ବରୁ ନପହଞ୍ଚିଲେ ଦେଇପାରିବେନି ପରୀକ୍ଷା । ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ସିବିଏସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା । ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରକୁ ଆସିବା ପାଇଁ ଡେଡଲାଇନ ସ୍ଥିର କଲା ସିବିଏସି । ପରୀକ୍ଷା ସକାଳ ସାଢେ ୧୦ଟାରେ ଆରମ୍ଭ ହେବ । ହେଲେ ୧୦ ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦେଶ ଜାରି ହୋଇଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ନ ପହଞ୍ଚିଲେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ବାରଣ ନେଇ ନିଷ୍ପତ୍ତି ନେଇଛି ସିବିଏସି । ସମୟରେ ପହଞ୍ଚିଲେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇ ପାରନ୍ତି ଛାତ୍ରଛାତ୍ରୀ । ଏନେଇ ସ୍କୁଲ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ପରାମର୍ଶବଳୀ ଜାରି କରିଛି ସିବିଆଇ । ପାଣିପାଗ, ଟ୍ରାଫିକ ଭିଡ଼ ସମେତ ଜାତୀୟ ଓ ଅନ୍ତର୍ଜାତୀୟ ସମିଟକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟର ଢେର ପୂର୍ବରୁ ଘରୁ ବାହାରିବାକୁ ସ୍କୁଲ ଅଧକ୍ଷମାନଙ୍କୁ ମାର୍ଗଦର୍ଶିକା ଜାରି କରିଛି ସିବିଏସି । ଏ ନେଇ ସ୍କୁଲ ପକ୍ଷରୁ ଅଭିଭାବକମାନଙ୍କୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଛି ।

## ଗୁଜରାଟର ୩୩ଟି ସ୍କୁଲକୁ ବୋମା ଧମକ: ତଦନ୍ତ ଆରମ୍ଭ

ନୂଆଦିଲ୍ଲୀ,୧୭/୨ : ସୋମବାର ସକାଳେ ଗୁଜରାଟର ମୋଟ ୩୩ଟି ସ୍କୁଲକୁ ବୋମା ଧମକ ଇମେଲ୍ ମିଳିଥିଲା । ଏହି ଇମେଲ୍ ଭଦୋଦରାର ୧୮ଟି ଏବଂ ଅହମ୍ମଦାବାଦର ୧୫ଟି ସ୍କୁଲକୁ ପଠାଯାଇଥିଲା । ଇମେଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରି ଆପତ୍ତିଜନକ ମନ୍ତବ୍ୟ ଦିଆଯାଇଛି, ଯେଉଁଥିରେ 'ଗୁଜରାଟ ଖଲିସ୍ତାନ ହୋଇଯିବ' ଏବଂ 'ହିନ୍ଦୁସ୍ତାନ ଖଣ୍ଡ ଖଣ୍ଡ ହୋଇଯିବ' ଭଳି ଧମକ ଅନ୍ତର୍ଭୁକ୍ତ ।

◆◆ପୃଷ୍ଠା ୭

## ଆମେରିକା ନେଲା ଭୟଙ୍କର ପ୍ରତିଶୋଧ



ନୂଆଦିଲ୍ଲୀ,୧୭/୨ : ଆମେରିକା ନେଲା ଭୟଙ୍କର ପ୍ରତିଶୋଧ । ସିରିୟା ଉପରେ କଲା ଏୟାର ଷ୍ଟ୍ରାଇକ୍ । ଆମେରିକୀୟ ସୈନିକଙ୍କ ମୃତ୍ୟୁର ନେଲା ପ୍ରତିଶୋଧ । ସିରିୟା ଉପରେ ଭୟଙ୍କର ଆକ୍ରମଣ କରିଛି ଆମେରିକା । ୩୦ ରୁ ଅଧିକ ଆଇଏସ୍ ଆଡ୍ଡା ଉପରେ କରିଛି ଏୟାର ଷ୍ଟ୍ରାଇକ୍ । ଏହି ଆକ୍ରମଣ ଡିସେମ୍ବରରେ ହୋଇଥିବା ଆକ୍ରମଣର ଜବାବରେ କରାଯାଇଥିଲା ଯେଉଁଥିରେ ଦୁଇ ଆମେରିକୀୟ ସୈନିକ ଓ ଜଣେ ଆମେରିକୀୟ ନାଗରିକ ଅନୁବାଦକଙ୍କ ମୃତ୍ୟୁ ହୋଇଥିଲା । ଆମେରିକୀୟ କେନ୍ଦ୍ରୀୟ କମାଣ୍ଡର ଏକ ବିବୃତ୍ତି ଅନୁଯାୟୀ, ଆମେରିକାର ବିମାନ ଫେବୃଆରି ୩ ରୁ ଫେବୃଆରି ୧୨ ମଧ୍ୟରେ ୩୦ ରୁ ଅଧିକ ଆଇଏସ୍ ଟାର୍ଗେଟ୍ ଉପରେ ୧୦ ଥର ଆକ୍ରମଣ କରିଥିଲା । ଯେଉଁଥିରେ ଅସ୍ତ୍ରଶସ୍ତ୍ର ଡିପୋ ଏବଂ ଅନ୍ୟାନ୍ୟ ସୁବିଧା ଅନ୍ତର୍ଭୁକ୍ତ ଥିଲା । ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ 'ଅପରେସନ ହକଆଇ ଷ୍ଟ୍ରାଇକ' ଅଧୀନରେ ଚାଲୁଥିବା ଏହି ଅଭିଯାନର ନୂଆ ଫଟୋ ଭିଡ଼ିଓ ଜାରି କରିଛି । ଡିସେମ୍ବର ୧୩ରେ ପାଲମାଇରାରେ ହୋଇଥିବା ଗୁଳିକାଣ୍ଡରେ ଦୁଇ ଆମେରିକୀୟ ସେନା ଓ ଜଣେ ଇଣ୍ଟରପ୍ରେଟର ମୃତ୍ୟୁବରଣ କରିଥିଲେ । ଏହା ପରେ ୧୯ ଡିସେମ୍ବର ୨୦୨୫ରୁ ଅଭିଯାନ ଆରମ୍ଭ ହୋଇଥିଲା ।

## ଖୁବ୍‌ଶୀଘ୍ର ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି

### ଉଚ୍ଚସ୍ତରୀୟ ବୈଠକରେ ଏସଓପି ନେଇ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୭/୨ (ନି.ପ୍ର): ଖୁବଶୀଘ୍ର ଆରମ୍ଭ ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତି ମଣତି । ମହାପ୍ରଭୁଙ୍କ ସମସ୍ତ ରତ୍ନଅଳଙ୍କାର ସୁରକ୍ଷିତ ଅଛି କି ନାହିଁ, ତାକୁ ନେଇ ଅଗଣିତ ଭକ୍ତଙ୍କ ଉତ୍କଣ୍ଠା ଥିବା ବେଳେ, ଆଜି ଗଣତି ମଣତି ପ୍ରକ୍ରିୟାବିଧି ବା ଏସ୍‌ଓପି ସଂପର୍କରେ ଆଲୋଚନା ପାଇଁ ବସିଥିଲା ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକ । ଆଇନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ପରେ ମିଳିଛି ଗୁରୁତ୍ୱପୂର୍ଣ୍ଣ ସୂଚନା । ସେପଟେ ଏହି ଗଣତି ମଣତି ସାରିବାକୁ ସରକାରଙ୍କୁ ୩ ମାସ ସମୟ ଦେଇଛନ୍ତି ହାଇକୋର୍ଟ । ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗରେ ହାଇକୋର୍ଟଙ୍କ ଚାବୁକ ପରେ, ଚେଇଁ ଉଠିଛନ୍ତି ସରକାର । ଆଜି ଦେଖିବାକୁ ମିଳିଥିଲା ଜୋରଦାର କସରତ । ପ୍ରଥମେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଘରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ରତ୍ନଭଣ୍ଡାରର ଗଣତି ମଣତି ପ୍ରକ୍ରିୟା, ସୁରକ୍ଷା ବ୍ୟବସ୍ଥା ଓ ପ୍ରାଶାସନିକ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାପରେ ଶ୍ରୀମନ୍ଦିର ପରିଚାଳନା କମିଟି ମଞ୍ଜୁର କରିଥିବା ଗଣତି ମଣତିର ପ୍ରକ୍ରିୟା ବିଧି ବା ଏସ୍‌ଓପି ଯାଇଥିଲା ମୁଖ୍ୟମନ୍ତ୍ରୀଙ୍କ ଟେବୁଲକୁ । ଲୋକସେବା ଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକର ଅଧକ୍ଷତା କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଯୋଗ ଦେଇଥିଲେ ଆଇନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରମୁଖ । ଏହି ବୈଠକ ପରେ ସୂଚନା ଦିଆଯାଇଛି ଯେ, ଖୁବ୍ ଶୀଘ୍ର ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି । ୧୯୭୮ର ତାଲିକା ସହିତ ମେଳକ କରାଯିବ । ସମ୍ପୂର୍ଣ୍ଣ ଅଳଙ୍କାରାଦିର ଫଟୋଗ୍ରାଫ୍ ସହିତ ଡିଜିଟାଲ୍ କାଟାଲଗ୍ କରାଯିବ । ଗଣତିମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

◆◆ପୃଷ୍ଠା ୭

## ଦିଲ୍ଲୀ ବିମାନବନ୍ଦରରେ ସିଆଇଏସଏଫର ମକ୍ ଏକ୍ସରସାଇଜ୍

ନୂଆଦିଲ୍ଲୀ, ୧୬/୨ : କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ) ସୋମବାର ଦିନ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ମିଳିତ ଆତଙ୍କବାଦ ବିରୋଧୀ ମକ୍ ଏକ୍ସରସାଇଜ୍ କରିଥିଲା । ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟରେ ସମନ୍ୱୟ, ପ୍ରସ୍ତୁତି ଏବଂ ପ୍ରତିକ୍ରିୟାକୁ ଆହୁରି ମଜବୁତ କରିବା ପାଇଁ ଏହି ଅଭ୍ୟାସର ଲକ୍ଷ୍ୟ ଥିଲା । ସିଆଇଏସଏଫର ସରକାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ, ଏକ୍ସ, ରିପୋର୍ଟ କରିଛି ଯେ ଏହି ମିଳିତ ଅଭ୍ୟାସରେ ସିଆଇଏସଏଫ, ଜାତୀୟ ସୁରକ୍ଷା ଗାର୍ଡ (ଏନଏସଜି), ଦିଲ୍ଲୀ ପୋଲିସ, ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ (ବିସିଏଏସ), ବିମାନବନ୍ଦର ଉଦ୍ଧାର ଏବଂ ଅଗ୍ନି ନିର୍ବାପନ (ଏଆରଏଫଏଫ), ଅଗ୍ନିଶମ ବିଭାଗ ଏବଂ ଚିକିତ୍ସା ସେବା ସାମିଲ ଥିଲେ । ଏକତ୍ର, ସମସ୍ତ ଏଜେନ୍ସି ବିପଦ ସମୟରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଏବଂ ସାମୂହିକ ପ୍ରତିକ୍ରିୟା ପ୍ରଦର୍ଶନ କରିଥିଲେ । ସିଆଇଏସଏଫର କ୍ୱିକ୍ ରିଆକ୍ସନ୍ ଟିମ୍ (କ୍ୟୁଆରଟି), ବୋମା ନିଷ୍କ୍ରିୟକାରୀ ଦଳ (ବିଡିଡିଏସ), ଏବଂ ଡଗ୍ ସ୍କ୍ୱାଡ୍, ଅନ୍ୟ ସମସ୍ତ ୟୁନିଟ୍ ସହିତ ଘନିଷ୍ଠ ସମନ୍ୱୟରେ, ବିପଦଗୁଡ଼ିକୁ ଶୀଘ୍ର ନିଷ୍କ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଟ୍ରେନି ଅଧିକାରୀ

ନୂଆଦିଲ୍ଲୀ,୧୭/୨ : ଭାରତୀୟ ଲେଖା ଓ ଲେଖାପରୀକ୍ଷା ସେବା, ରକ୍ଷା ବୈମାନିକ ଗୁଣଗତ ନିଶ୍ଚିତି ସେବା ଏବଂ ଭାରତୀୟ ବ୍ୟାପାର ସେବାର ପ୍ରଶିକ୍ଷୁ ଅଧିକାରୀମାନେ ସୋମବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଶିଷ୍ଟାଚାର ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ, ପ୍ରତିଷ୍ଠିତ ସେବାରେ ତାଙ୍କର ଚୟନ ଦେଶସେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ । ଅନେକ ଯୁବକ-ଯୁବତୀ ଯେଉଁ ସ୍ଥାନକୁ ପହଞ୍ଚିବାର ସ୍ୱପ୍ନ ଦେଖନ୍ତି, ସେଠାକୁ ପହଞ୍ଚିବାର ସୁଯୋଗ କେବଳ କିଛି ଲୋକଙ୍କୁ ମିଳେ । ଏହିପରି ସ୍ଥିତିରେ ସେମାନେ ଅନେକ ଯୁବମାନଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ହୋଇପାରନ୍ତି । ସେ କହିଥିଲେ ଯେ, ଉଦାହରଣ ସୃଷ୍ଟି କରି ନେତୃତ୍ୱ ଦେବା ତାଙ୍କ ସମଗ୍ର ସେବା-ଯାତ୍ରାରେ ଏକ ମୁଖ୍ୟ ଦାୟିତ୍ୱ ହେବ । ରାଷ୍ଟ୍ରପତି କହିଛନ୍ତି ଯେ, ଯେତେବେଳେ ଅଧିକାରୀମାନେ ପ୍ରତିବଦ୍ଧତା ସହ ଭାରତର ଉନ୍ନତି ଓ ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ପାଇଁ କାମ କରନ୍ତି, ସେତେବେଳେ ଦେଶ ଆହୁରି ସଶକ୍ତ, ସକ୍ଷମ ଓ ବିଶ୍ୱମଞ୍ଚରେ ସମ୍ମାନିତ ହୁଏ ।

## ଆଜିଠାରୁ ଚାଲିବ ବଜେଟ୍ ଅଧିବେଶନ : ୨୦ ତାରିଖରେ ବଜେଟ୍ ଉପସ୍ଥାପନ




ଭୁବନେଶ୍ୱର, ୧୭/୨ (ନି.ପ୍ର): ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ଏ ନେଇ ମାଳମାଳ ଅଭିଯୋଗ ଆସୁଛି । ଅନେକ ସ୍ଥାନରେ ଚାଷୀ ଆନ୍ଦୋଳନ ଚାଲିଛି । ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ରାଜରାସ୍ତାରେ ଗର୍ଜନ କରୁଛନ୍ତି । ସରକାର ବି ଜଣେ ଚାଷୀଙ୍କଠାରୁ ୧୫୦ କ୍ୱିଣ୍ଟାଲ୍‌ରୁ ଅଧିକ ଧାନ ନ କିଣିବାକୁ ନିୟମ କରିଥିବାରୁ ପଶ୍ଚିମ ଓଡ଼ିଶାର ବିଧାୟକମାନେ ଖପ୍ପା ଅଛନ୍ତି । ଏହି ପ୍ରସଙ୍ଗରେ ବିଧାନସଭା ହୁଲସ୍ଥୁଲ ହୋଇପାରେ । ମହାନଦୀ ଜଳବିବାଦ ପ୍ରସଙ୍ଗରେ ଓଡ଼ିଶା ଲଗାତାର କ୍ଷତି ସହି ଚାଲିଛି । ଦୁଇ ରାଜ୍ୟ ମଧ୍ୟରେ ଆପୋସ ସମାଧାନ ପ୍ରକ୍ରିୟା ଆଗେଇ ପାରୁନାହିଁ । ମନ୍ତ୍ରୀସ୍ତରୀୟ କମିଟିର ଛତିଶଗଡ଼ ଗସ୍ତ ହୋଇପାରୁନି । ଛତିଶଗଡ଼ ସରକାର ଅସହଯୋଗ କରୁଥିବା ଜଣାପଡ଼ୁଛି । ଓଡ଼ିଶା ସରକାର ଏବେ କେନ୍ଦ୍ର ସରକାରଙ୍କ ସିଧାସଳଖ ହସ୍ତକ୍ଷେପ ଲୋଡ଼ିଥିଲେ ମଧ୍ୟ କୌଣସି ଉତ୍ସାହଜନକ ପ୍ରତିକ୍ରିୟା ସେପଟୁ ମିଳିନାହିଁ । ମହାନଦୀ ପ୍ରସଙ୍ଗରେ ବିଜେଡି ଓ ବିଜେପି ମଧ୍ୟରେ ବୟାନବାଜି ଚରମ ସ୍ଥିତିରେ ପହଞ୍ଚିଛି । ବିଧାନସଭାରେ ଦୁଇ ଦଳ ଏହି ପ୍ରସଙ୍ଗରେ ମୁହାଁମୁହିଁ ହେବା ଥୟ । କଂଗ୍ରେସ ଉଭୟଙ୍କୁ ଦାୟୀ କରି ଆକ୍ରମଣ କରିବ । ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ ବିଧାନସଭାର ଆସନ୍ତା ଅଧିବେଶନରେ ଉପସ୍ଥାପନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସରକାର ରିପୋର୍ଟ ଉପସ୍ଥାପନ କରିବେ ନା ଆଉ କିଛି ଆଳ ଦେଖାଇ ପୁଣି ଘୁଞ୍ଚାଇଦେବେ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ନୂଆ ସରକାର ଆସିଲା ପରେ ପାଞ୍ଚଟି ଅଧିବେଶନ ସରିଛି, ଅଥଚ ସରକାର କାହିଁକି ଏହି ରିପୋର୍ଟ ଉପସ୍ଥାପନ କରିନାହାନ୍ତି ତାହା ରହସ୍ୟଜନକ । ରାଜ୍ୟରେ ଏମିତି ପ୍ରସଙ୍ଗର ତାଲିକା ଲମ୍ବା । ଗଣମାଧ୍ୟମରେ ଓ ରାଜରାସ୍ତାରେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରୁଛନ୍ତି ବିରୋଧୀ । ଏମିତି ପ୍ରସଙ୍ଗର ପାହାଡ଼ ଉପରେ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ୍ ଅଧିବେଶନ । ଦୁଇଟି ପର୍ଯ୍ୟାୟରେ ୨୮ ଦିନ ଚାଲିବ ।

## ଆମେରିକା ସହିତ ବ୍ୟାପାର ବୁଝାମଣା ଦେଶର କୃଷକଙ୍କ ପାଇଁ ବିପଦ: କଂଗ୍ରେସ

ନୂଆଦିଲ୍ଲୀ,୧୭/୨ : କଂଗ୍ରେସ ଭାରତ ଏବଂ ଆମେରିକା ମଧ୍ୟରେ ଅନ୍ତରିମ ବ୍ୟାପାର ବୁଝାମଣାରେ ଦେଶର କୃଷକ ଏବଂ ଜୈବିକ ବିବିଧତା ଉପରେ ସିଧା ବିପଦ କହିଛି । ପାର୍ଟି କହିଛି ଯେ ଚାଷ, ଶକ୍ତି ସୁରକ୍ଷା ଏବଂ ବ୍ୟାପାର ସର୍ତ୍ତ ତିନି ସବୁଠାରୁ ମୁଖ୍ୟ ବିଷୟ ଅଟେ, ଯାହାଉପରେ ସରକାର ଦେଶର ସ୍ୱାର୍ଥକୁ ବାଜିର ଲଗାଇ ଦେଇଛନ୍ତି । କଂଗ୍ରେସ ମହାସଚିବ ଏବଂ ସାଂସଦ ରଣଦୀପ ସିଂହ ସୁରଜେୱାଲା ସୋମବାର ଦିନ ଏଠାରେ ପାର୍ଟି ମୁଖ୍ୟାଳୟରେ ସାମ୍ବାଦିକ ବାର୍ତାରେ କହିଛନ୍ତି ଯେ ଛଅ ଫେବୃଆରୀକୁ ଜାରି ହୋଇଥିବା ରୂପରେଖା ଅନ୍ତରିମ ବୁଝାମଣା ପୂର୍ବରୁ ବିନ୍ଦୁରେ ଏହା ସ୍ଥିର କରାଯାଇଛି ଯେ ଭାରତ ଆମେରିକାରୁ ଖାଦ୍ୟ ଏବଂ କୃଷି ଉତ୍ପାଦର ଆୟାତ ବିବା କୌଣସି ଶୁଳ୍କରେ କରିବ । ଏହା ଭାରତୀୟ କୃଷକଙ୍କ ଆଜୀବିକା ଉପରେ ସିଧା ଆକ୍ରମଣ । ଆମେରିକାରୁ ବିନା ଆୟାତ କରି ମକ୍କା, ଜଅ ଏବଂ ସୋୟାବିନ ତେଲ ଆୟାତ ହେବାରୁ ଭାରତର କୃଷକଙ୍କୁ କ୍ଷତି ହେବ ।

## ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ହୋଇଥିବା ଆବେଦନର ଶୁଣାଣି କରିବାକୁ ମନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୭/୨ : ଆସାମ ବିଜେପିର ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବିବାଦୀୟ ପୋଷ୍ଟ ଉପରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ବିଶ୍ୱଶର୍ମା ଏକ ରାଇଫଲରେ ଲକ୍ଷ୍ୟ ଭେଦ କରୁଥିବାବେଳେ ଟାର୍ଗେଟରେ ଗୋଟିଏ ସମ୍ପ୍ରଦାୟକୁ ରଖାଯାଇଥିବାର ଏକ ଭିଡିଓକୁ ନେଇ ବିବାଦ ହୋଇଥିଲା । ଏହାକୁ ନେଇ ଜଣେ ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୋମବାର ସୁପ୍ରିମକୋର୍ଟ ଏହାର ଶୁଣାଣି କରିବାକୁ ମନା କରିବା ସହିତ ଆବେଦନକାରୀଙ୍କୁ ଗୁଆହାଟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ କହିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ବିପୁଳ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟଙ୍କ କର୍ତ୍ତୃତ୍ୱକୁ ଅଣଦେଖା କରି ସିଧାସଳଖ ସୁପ୍ରିମକୋର୍ଟ ନ ଆସିବାକୁ କହିଥିଲେ । ନିର୍ବାଚନ ପୂର୍ବରୁ ରାଜନୈତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ପ୍ରସଙ୍ଗ ଅଣାଯିବାର ଟ୍ରେଣ୍ଡ ବଢ଼ିଗଲାଣି ବୋଲି କୋର୍ଟ କହିଥିଲେ । ଖଣ୍ଡପୀଠ ଆହୁରି କହିଥିଲେ, ଆମେ ଦଳଗୁଡ଼ିକୁ ସଂଯମତା ଅବଲମ୍ବନ କରିବାକୁ ଏବଂ ସାମ୍ବିଧାନିକ ନୈତିକତାର ସୀମା ମଧ୍ୟରେ ରହିବାକୁ କହିବୁ, କିନ୍ତୁ ପ୍ରତ୍ୟେକ ପ୍ରସଙ୍ଗକୁ ସୁପ୍ରିମକୋର୍ଟକୁ ଅଣାଯାଇପାରିବ ନାହିଁ ।

CMYK

# ପାରାଦୀପ ବନ୍ଦରର ତାପଜ କୋଇଲା ଖଲାସରେ ନୂତନ ରେକର୍ଡ ସ୍ଥାପନ



ପାରାଦୀପ, ୧୬/୨ (ନି.ପ୍ର): ପାରାଦୀପ ବନ୍ଦର ପଣ୍ୟ ପରିଚାଳନା କ୍ଷେତ୍ରରେ ସର୍ବ ଭାରତୀୟ ସ୍ତରର ରେକର୍ଡ ଭାଙ୍ଗିବା ପ୍ରକ୍ରିୟା ଜାରିରଖିଛି । ପାରାଦୀପ ବନ୍ଦର ଏହାର ସର୍ବୋଚ୍ଚ ଏକ-ଦିନ ତାପଜ କୋଇଲା ଖଲାଶ କରି ସର୍ବ ଭାରତୀୟ ସ୍ତରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି । ଚଳିତ ଫେବୃଆରୀ ୧୪ ତାରିଖରେ ସଫଳତାର ସହ ୪୭ଟି ରେକ୍ ଖଲାସ କରାଯାଇ ୪୧ଟି ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ (ବିଓବିଆରଏନ) ରେକ୍, ୬ଟି ବଗି ଓପନ୍ ହାଇ ସାଇଡେଡ୍ (ବିଓଏକ୍ସଏନ) ରେକରୁ ତାପଜ କୋଇଲା ଖଲାସ କରାଯାଇଥିଲା । ଏହି ସଫଳତା ପରେ ବନ୍ଦର ଅଧକ୍ଷ ଶ୍ରୀ ପି ଏଲ୍ ହରନାଧ, କର୍ମଚାରୀଙ୍କ ପ୍ରତି ଗର୍ବ ପ୍ରକାଶ କରି 'ଟିମ୍ ପିପିଏ'କୁ ସେମାନଙ୍କର ଉତ୍ସର୍ଗ ସେବା ପାଇଁ ଅଭିନନ୍ଦନ ଜଣାଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଏହି ମାଇଲଖୁଣ୍ଟ କେବଳ ଏକ ସଂଖ୍ୟା ନୁହେଁ ବରଂ ବନ୍ଦରରେ ବର୍ତ୍ତମାନ ଥିବା ନିରନ୍ତର ପ୍ରୟାସ , ଯନ୍ତ୍ରବାନ ଯୋଜନା ଏବଂ ଦୃଢ଼ କାର୍ଯ୍ୟକ୍ଷମ ଭିତ୍ତିଭୂମିର ପ୍ରମାଣ । କାର୍ଯ୍ୟକ୍ଷମ ସମୟକୁ ହ୍ରାସ କରି ଏବଂ କାର୍ଗୋ ପରିଚାଳନା ପ୍ରକ୍ରିୟାକୁ ସୁଗମ କରି, ପିପିଏ ଭାରତର ଶକ୍ତି ଯୋଗାଣ ଶୃଙ୍ଖଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଚାଲିଛି ।

## 'ରାଧାନାଥଙ୍କ କାବ୍ୟରେ ପାଶ୍ଚାତ୍ୟ ପ୍ରଭାବ' ଶୀର୍ଷକ ଆଲୋଚା ଚକ୍ର

ଉଦଳା, ୧୬/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଚଳିତ ଫେବୃଆରି ୧୦ ତାରିଖ ମଙ୍ଗଳବାର ଦିନ 'ରାଧାନାଥଙ୍କ କାବ୍ୟରେ ପାଶ୍ଚାତ୍ୟ ପ୍ରଭାବ' ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିବା ସହ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଖୁଂଟା ଡ଼ିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ଼.ହିରଣମୟି ଶତପଥି ମୁଖ୍ୟବକ୍ତା ଭାବରେ ଯୋଗଦେଇ ପାଶ୍ଚାତ୍ୟ ସାହିତ୍ୟକୁ ପ୍ରାଚ୍ୟ ଭିତରେ ସମନ୍ୱୟ ରଖି ଓଡ଼ିଆ ପରିବେଶରେ କିପରି କବି ଜୀବନ୍ତ ଭାବରେ ତୋଳିଧରି ରଖିଛନ୍ତି ବକ୍ତବ୍ୟ ମାଧମରେ କହିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ମଂଜୁଲତା ନାୟକ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ରାଧାନାଥଙ୍କ କାବ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନ ଖୁବ୍ ଆକର୍ଷଣୀୟ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ରୀ ମାମାଲା ସେନାପତି ଓ ପ୍ରିୟଦର୍ଶନି ନାୟକ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଅଧାପିକା ଶାନ୍ତିଲତା ହାଁସଦା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାଶିବରାତ୍ରୀ ଅବସରରେ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ନୀଳଗିରି, ୧୬/୨ (ନି.ପ୍ର): ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହେଉଛି ଶୈବପୀଠ, ବାବାଙ୍କ ଟିକେ ସାନ୍ନିଧ ପାଇବାପାଇଁ ଲମ୍ୱାଧାଡିରେ ରହି ନିଜକୁ ସମର୍ପଣ କରିଛି ଭକ୍ତ । ଏହି ପବିତ୍ର ପାବନ ଅବସରରେ ଉତ୍ତର ଓଡିଶାର ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ଦେବଦେବ ମହାଦେବଙ୍କ ଲିଙ୍ଗକୁ ସ୍ପର୍ଶକରି ଆର୍ଶୀବାଦ ଲାଭକରିବା ପାଇଁ ଦୂର ଦୂରାନ୍ତରୁ ଛୁଟିଛନ୍ତି ଭକ୍ତମାନେ । ସକାଳ ୪.୩୦ ଠାକୁରଙ୍କ ସକାଳ ଆଳତୀ ଓ ପହଡ ଫିଟା ହୋଇଥିବା ବେଳେ ସକାଳ ୬ ଟାରୁ ଭକ୍ତମାନଙ୍କ ପାଇଁ ଦର୍ଶନ ଆରମ୍ଭ ହୋଇଥିଲା । ସନ୍ଧ୍ୟା ସମୟରେ ପୀଠରେ ଲୋକମାନେ ଦୀପ ପ୍ରଜ୍ୱଳନ କରିବା ପାଇଁ ଟ୍ରଷ୍ଟବୋର୍ଡ ତରଫରୁ ବ୍ୟବସ୍ଥା କରାଯାଇଥିବା ବେଳେ ୪ପ୍ରହରର ପୂଜା ସମାପ୍ତପରେ ଭୋର ୩ଟା ୧୭ ସମୟରେ ମହାଦୀପ ଉଠିବାର ନୀତି ନିର୍ଘଣ୍ଟ କରାଯାଇଛି । ଲୋକଙ୍କ ଶାନ୍ତି ଶୃଙ୍ଖଳା ନିମନ୍ତେ ୨ ପ୍ଲାଟୁନ ପୋଲିସ ନିୟୋଜିତ ଥିବାବେଳେ ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ଓ ଯାତ୍ରୀସୁରକ୍ଷା କମିଟି ପକ୍ଷରୁ ମଧ ଭକ୍ତମାନଙ୍କ ସୁରକ୍ଷା ଓ ମନୋରଞ୍ଜନ ନିମନ୍ତେ ଭଜନ ସନ୍ଧ୍ୟା ଓ ପାଲା ସହିତ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ପାରାଦୀପରେ ଅନୁଷ୍ଠିତ ୨୫ତମ ନିମନ୍ତ୍ରଣ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ୨୦୨୬ ଉଦ୍‌ଯାପିତ



ପାରାଦୀପ, ୧୬/୨ (ନି.ପ୍ର): ପାରାଦୀପ ଗଲ୍ଫ କ୍ଲବର ବାର୍ଷିକ ଗଲ୍ଫ ଟୁର୍ନାମେଣ୍ଟ ୧୪ ଓ ୧୫ ଦୁଇ ଦିନ ଧରି ପାରାଦୀପ ପୋର୍ଟ ଗଲ୍ଫ କୋର୍ସରେ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ନାମେଣ୍ଟ ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୋର୍ଟ ଅଥରିଟିର ଡେପୁଟି ଚେୟାରମ୍ୟାନ୍ ଟି. ଭେନୁ ଗୋପାଳ ଯୋଗଦେଇ ଟୁର୍ନାମେଣ୍ଟ କୁ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ବନ୍ଦର ପରାମର୍ଶଦାତା (ଟ୍ରାଫିକ୍) ଏ. କେ. ବୋଷ ଅନ୍ୟାନ୍ୟ ବିଭାଗ ମୁଖ୍ୟଙ୍କ ସହିତ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ପାରାଦୀପ ଗଲ୍ଫ କ୍ଲବର ଅକ୍ଷୟ ଚନ୍ଦ୍ର ସୂତାର ହ୍ୟାଣ୍ଡିକ୍ୟାପ୍ (୦-୧୦) ବର୍ଗରେ ଚାମ୍ପିଅନ୍ ହୋଇଥିଲେ । ଭୁବନେଶ୍ୱର ଗଲ୍ଫ କ୍ଲବର ଡକ୍ଟର ଦେବଦର୍ଶୀ ରଥ ହ୍ୟାଣ୍ଡିକ୍ୟାପ୍ (୧୧-୧୯) ବର୍ଗରେ ଚାମ୍ପିଅନ୍ ହୋଇଥିଲେ, ଯେତେବେଳେ ପାରାଦୀପ ଗଲ୍ଫ କ୍ଲବର ରଞ୍ଜିତ କୃଷ୍ଣ ବୋମାଲି ହ୍ୟାଣ୍ଡିକ୍ୟାପ୍ (୨୦-୨୪) ବର୍ଗରେ ଚାମ୍ପିଅନ୍ ଟାଇଟଲ୍ ଜିତିଥିଲେ । ଭୁବନେଶ୍ୱର ଗଲ୍ଫ କ୍ଲବର ଶାଶ୍ୱତ ପଣ୍ଡା ଶ୍ରେଷ୍ଠ ଗ୍ରସ୍ ପୁରସ୍କାର ପାଇଛନ୍ତି । ପାରାଦୀପ ଗଲ୍ଫ କ୍ଲବର ସଭାପତି ସୁସିଲ ଚନ୍ଦ୍ର ନାହାକ, କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠି, କ୍ୟାପଟ୍ଟେନ ଏ. ସି. ସୁତାର ଏବଂ ସଚିବ ମନୋଜ କୁମାର ମହନ୍ତ ସଫଳତାର ସହ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । ଭାରତର ବିଭିନ୍ନ ସ୍ଥାନରୁ ସାତଟି ପ୍ରମୁଖ ଗଲ୍ଫ କ୍ଲବର ମୋଟ ୭୧ ଜଣ ଗଲ୍ଫ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ ।

# ବର୍ତ୍ତନା ଆଦର୍ଶ ଶିକ୍ଷା ମନ୍ଦିରର ୮ମ ବାର୍ଷିକୋତ୍ସବ



ଖଇରା, ୧୬/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନାସ୍ଥିତ ଆଦର୍ଶ ଶିକ୍ଷାମନ୍ଦିରର ୮ମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । ଉତ୍ସବ ଆରମ୍ଭରେ ମାଆ ମାନଙ୍କୁ ନେଇ ମାତୃ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତତପରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଦ୍ୱିତୀୟ ଅଧିବେସନରେ ଆୟୋଜିତ ମଞ୍ଚ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟକ ତଥା ସୁବକ୍ତା ହରିହର ପାଣିଗ୍ରାହୀ,ବର୍ତ୍ତନା କ୍ଲଷ୍ଟରର ପୂର୍ବତନ ସିଆରସିସି ସୁରେନ୍ଦ୍ର ପ୍ରସାଦ ବେହେରା, ପାଇମହୁରା ସିଟି ସ୍କୁଲର ପ୍ରାକ୍ତନ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ବିଦ୍ୟାଳୟ କମିଟି ସଭାପତି ରମେଶ ଚନ୍ଦ୍ର ବେହେରା, ଓଡିଶା ଶିକ୍ଷା ବିକାଶ ପରିଷଦର ସଂଯୋଜକ ସୁଦର୍ଶନ ପ୍ରଧାନ,ପ୍ରାନ୍ତ ନିରିକ୍ଷିକା ଗୀତାଞ୍ଜଳୀ ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ପିଲା ମାନେ ଭବିଷ୍ୟତ ପିଢୀର ସୂତ୍ରଧର ବୋଲି ମତବ୍ୟକ୍ତ କରିଥିଲେ । ସମ୍ପାଦକ ରାମଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ, ପ୍ରଧାନାଚାର୍ଯ୍ୟ ନିମାଇଁ ଚରଣ ଦାସ ବାର୍ଷିକ ବିବରଣୀ ପାଠ,ବିମଳା ପଣ୍ଡା ଅତିଥି ପରିଚୟ ଓ ରାଜକିଶୋର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ମଧୁ, ଅମିତା, ନମିତା, ସଂଯୁକ୍ତା, ଅଭିଲିପ୍ସା ଓ ରଶ୍ମିତା ଗୁରୁମା ତଥା ସମସ୍ତ ଅଭିଭାବକ ସହଯୋଗ କରିଥିଲେ ।

# ସୁନିତୀ ସିଂଙ୍କୁ ବିଜେଡି ମହିଳା ବରିଷ୍ଠ ଉପସଭାପତି ନିଯୁକ୍ତ

ନୀଳଗିରି , ୧୬/୨ (ନି.ପ୍ର): ବରିଷ୍ଠ ଆଦିବାସୀ ନାରୀନେତ୍ରୀ ସୁନିତୀ ସିଂଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟ ବିଜେଡ଼ି ମହିଳାଦଳର ବରିଷ୍ଠ ଉପସଭାପତି ପଦରେ ନିଯୁକ୍ତିପ୍ରଦାନ କରିଛନ୍ତି । ବିଜେଡ଼ି ମୁଖିଆ ନବୀନ ପଟ୍ଟନାୟକ ୧୫ତାରିଖ ବିଜେଡିର ୧୫୮ଜଣିଆ ମହିଳା ପଦାଧିକାରୀଙ୍କୁ ନିଯୁକ୍ତି ପ୍ରଦାନକରି ଏକ କ୍ରିୟାଶୀଳ ଶକ୍ତିଶାଳୀ ମହିଳା ସଂଗଠନ ଗଠନ କରିଛନ୍ତି । ଏହି ନିଯୁକ୍ତିରେ ବାଲେଶ୍ୱର ଜିଲ୍ଲାରୁ ଆଦିବାସୀ ନାରୀନେତ୍ରୀ ସୁନିତୀ ସିଂଙ୍କୁ ଏକମାତ୍ର ମହିଳାଭାବରେ ନିଯୁକ୍ତି ମିଳିଛି । ନବୀନ ପଟ୍ଟନାୟକଙ୍କ ବିକାଶନ୍ମୁଖି ଏବଂ ଲୋକପ୍ରିୟ କାର୍ଯ୍ୟକ୍ରମକୁ ଆଗାମୀଦିନରେ ତୃଣମୂଳ ସ୍ତରରେ ପହଞ୍ଚାଇ ମହିଳାମାନଙ୍କର ପ୍ରତିନିଧିତ୍ୱକୁ କ୍ରିୟାଶୀଳକରିବା ଦଳର ଆଭିମୁଖ୍ୟ ବୋଲି ନବନିଯୁକ୍ତ ବରିଷ୍ଠ ବିଜେଡି ମହିଳା ଉପସଭାନେତ୍ରୀ ସୁନିତି ସିଂ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଆଦିବାସୀ ସମ୍ପ୍ରଦାୟରେ ଜନ୍ମିତ ଶ୍ରୀମତୀ ସିଂ ଯୁବାବସ୍ଥାରୁ ଗ୍ରାମାଞ୍ଚଳରେ ଲୋକମାନଙ୍କ ସହିତ ଓତଃପ୍ରୋତ ଭାବେ ଜଡ଼ିତରହି ସେମାନଙ୍କର ସୁଖଦୁଃଖରେ ସାମିଲହୋଇ ନିଜକୁ ଜନକଲ୍ୟାଣରେ ସାମିଲ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ପଦପଦବୀରେ ରହି ଲୋକଙ୍କ ସମସ୍ୟା ସମାଧାନ କରିବାରେ ସଫଳ ହୋଇଥିବା ଶ୍ରୀମତୀ ସିଂ ରାଜ୍ୟବିଜେଡିର ଉପସଭାପତି ଭଳି ପଦବୀରେ ଖୁବ ଦକ୍ଷତାର ସହ କାର୍ଯ୍ୟକରିଥିଲେ । ଏହି ନିଯୁକ୍ତି ପାଇବାପରେ ମାନ୍ୟବର ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବାସହିତ ମିଳିଥିବା ଦାୟିତ୍ୱକୁ ନିଷ୍ଠାର ସହିତ ପାଳନକରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

## ଦୀପ ନିଆଁ ଶାଢିରେ ଲାଗି ମହିଳା ଗୁରୁତର

ଖଇରା, ୧୬/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଡସ୍ଥିତ ବାବା ଲଙ୍କେଶ୍ୱର ମନ୍ଦିରରେ ଦୀପ ଜଳାଇବାକୁ ଯାଇ ଶାଢୀରେ ନିଆଁଲାଗିଯିବାରୁ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ମହିଳା ଜଣକ ହେଲେ ସେହି ଗଣ୍ଡିବେଡ ଗ୍ରାମର ଭଗବାନ ବେହେରାଙ୍କ ପତ୍ନୀ ରଞ୍ଜୁସ୍ମିତା । ମନ୍ଦିର ନିକଟରେ ଥିବା ବୃଷଭ ନିକଟରେ ଦୀପ ଜଳାଉଥିବା ବେଳେ ଅନ୍ୟ ଏକ ଦୀପରୁ ନିଆଁ ଶାଢୀରେ ଲାଗିଯିବାରୁ ତାଙ୍କ ଶରୀରର ୪୦ ପ୍ରତିଶତ ପୋଡି ହୋଇ ଯାଇଥିଲା ।

# ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ



ବାଲେଶ୍ୱର, ୧୬/୨ (ନି.ପ୍ର): ରବିବାର ସକାଳ ୧୦ ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ପ୍ରଥମେ ଗୁଡୁଦା ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ପ୍ରଦତ୍ତ ୭,୩୩,୩୮,୭୩୩ ଟଙ୍କା ବିନିମୟରେ ହେବାକୁ ଥିବା ଗଙ୍ଗାହାର ନଦୀ ବାମ ପାର୍ଶ୍ୱରେ ସ୍ଥିତ ଶିରାକୋଇଲି, ଶ୍ରୀରାମପୁର, ଗାଙ୍ଗପୁରା ଆଦି ଗ୍ରାମର ପୁନରୁଦ୍ଧାର ଓ ରକ୍ଷଣା ବେକ୍ଷଣ ପ୍ରକଳ୍ପ, କରଞ୍ଜିଆ ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଦତ୍ତ ୨,୦୯,୬୧,୯୮୦ ଟଙ୍କା ବିନିମୟରେ ହେବାକୁ ଥିବା ଡିଫେନ୍ସ ରୋଡ ଠାରୁ କରଞ୍ଜିଆ ରାସ୍ତାର ପ୍ରଶସ୍ତିକରଣ, କଲ୍ୟାଣପୁର ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଦତ୍ତ ତାଳମେଢ଼ି ଠାରୁ ପଦ୍ମପୁର ଏନ.ଏଚ.-୫ ଭାୟା ହଳଦିଆ ରୋଡ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଆଦି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ଅବସରରେ ଇରିଗେସନ ଏସ.ଇ. ବିକ୍ରମ ଚନ୍ଦ୍ର ସିଂ, ଏସ. ଡି. ଓ. ତାପସ କୁମାର ଦାସ, ଜେ.ଇ. ହରେକୃଷ୍ଣ ଧଳ, ଆର.ଡି. ଜେ.ଇ. ଉପେନ୍ଦ୍ର ଦାସ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ମଣ୍ଡଳ ସଭାପତି ବିବେକ ବିକାଶ ରାଉତ, ଉମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବେଗୁନିଆ ଉପ୍ରା ବିଦ୍ୟାଳୟରେ ବାର୍ଷିକୋତ୍ସବ

ଖଇରା, ୧୬/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ଗ୍ରାମ ପଞ୍ଚାୟତ ଅଧୀନ ବେଗୁନିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ମୁକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା,ଶିକ୍ଷକ ନେତା ତପନ କୁମାର ତ୍ରିପାଠୀ ମୁଖ୍ୟବକ୍ତା,ଗୌରାଙ୍ଗ ମହାପାତ୍ର,ପ୍ରତାପ ଚନ୍ଦ୍ର ଲେଙ୍କା,କୈଳାସ ଚନ୍ଦ୍ର ସେଣ୍ଡ,ନେତ୍ରାନନ୍ଦ ପ୍ରଧାନ,ସରପଞ୍ଚ ମନ୍ଦାକିନୀ ଦାସ,କମିଟି ସଭାପତି ସମସେର ଶାହା,ଆଲୁମିନି ସଭାପତି ପୂର୍ଣ୍ଣଚନ୍ଦ୍ର ସେଣ୍ଡ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ନମ୍ରତା,ସହନଶୀଳତା ଓ ନିଷ୍ଠାପର ଉଦ୍ୟମ ଫଳରେ ଜଣେ ଛାତ୍ର ଭଲ ମଣିଷ ହୋଇ ପାରିବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନକରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବିଏମସି ପକ୍ଷରୁ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱର, ୧୬/୨ (ନି.ପ୍ର): ବିଏମ୍ ସି ମୁଖ୍ୟାଳୟରେ ସୋମବାର ଦିନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି, ବିଡିଏ, ଓ ବିଏସସିଏଲ୍ ସଂପର୍କିତ ବିଭିନ୍ନ ଅଭିଯୋଗ ସଂପର୍କରେ ଅଭିଯୋଗକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଛନ୍ତି ବିଏମ୍ ସି କମିଶନର ତଥା ବିଡିଏ ଉପାଧକ୍ଷ ଏବଂ ସ୍ମାର୍ଟ ସିଟିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଚଂଚଳ ରାଣା । ତିନୋଟି ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଜନ ଶୁଣାଣି ହୋଇଥିଲା ।

# ମହାଶିବରାତ୍ରି ଅବସରରେ ଘଟ ଉତ୍ତୋଳନ



ବାରିପଦା , ୧୬/୨ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ବାବା ପାତାଳେଶ୍ୱର ମନ୍ଦିରରେ ୩୯ ତମ ମହାଶିବରାତ୍ରି ପାଳନ ଅବସରରେ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଆଜି ଅପରାହ୍ନରେ ନିକଟସ୍ଥ ଜଳାଶୟ ନିକଟରେ ପୂଜାବିଦ୍ଧି ପରେ ୨୫ ଜଣ ମା ଭଉଣୀ ମାନେ କଳସ ଯାତ୍ରାରେ ମନ୍ଦିର ନିକଟରେ ପହଂଚିଥିଲେ ଓ ଏହି କଳସ ଯାତ୍ରାରେ ମନ୍ଦିର ପରିଚାଳନା କମିଟିର ସଭାପତି ସୋମନାଥ ସିଂହ, ଉପ ସଭାପତି ଡଃ ନିରୋଜ କୁମାର ପୋଥାଳ ଓ ସୁଜିତ କୁମାର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗଦାଧର ଭଦ୍ର, କୋଷାଧକ୍ଷ ସୁମିତା ପ୍ରସାଦ, ସହ କୋଷାଧକ୍ଷ ଅମ୍ବିକା ମହାନ୍ତ, ମହିଳା ସମ୍ପାଦକ ଛବିରାଣୀ ଧଳ, ସଦସ୍ୟ ଡଃ ଅସୀମ ଚକ୍ରବର୍ତ୍ତୀ, ଚିତ୍ତରଞ୍ଜନ ସ୍ୱାଇଁ, ହିମାଂଶୁ ପ୍ରହରାଜ ତଥା ବାରିପଦା ମହାବିଦ୍ୟାଳୟର ରେଡ କ୍ରସ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ଓ ଆସନ୍ତାକାଲି ମନ୍ଦିର ପରିସରରେ ଜିଲ୍ଲା ତଥା ରାଜ୍ୟ ବାହାରୁ ଶତାଧିକ ମା ଝିଅ ମାନେ ପରିବାର ପାଇଁ ଶୁଭ ମନାସି ଜାଗର ଦୀପ ଜାଳିବେ ବୋଲି ପୂଜକ ଶ୍ରୀନିବାସ ପ୍ରସାଦ ଜଣାଇଛନ୍ତି ଓ ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗଣିତ ଦୌଡ଼, ଝୋଟି, ମ୍ୟୁଜିକ ଚେୟାର, ନୃତ୍ୟ ଓ ମା ମାଉସୀଙ୍କ ଶଙ୍ଖଫୁଙ୍କା ଆଦି ପ୍ରତିଯୋଗିତା କରାଯାଇ ଆସନ୍ତା କାଲି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ଅତିଥିଙ୍କ ହାତରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ବଳରାମ ନାଥ ଜଣାଇଛନ୍ତି ।

## କୋଟପାଡ଼ ଗୁଲମୀ ଜଳ ପ୍ରପାତରେ ଭାସିଯାଇ ଜଣେ ଏସଆଇ ନିଖୋଜ

ଜୟପୁର, ୧୬/୨ (ନି.ପ୍ର): କୋଟପାଡ଼ ଗୁଲମୀ ଜଳ ପ୍ରପାତ ରେ ଭାସିଯାଇ ଜଣେ ଏସଆଇ ନିଖୋଜ ହୋଇଯାଇଛନ୍ତି । ନିଖୋଜ ଏସଆଇ ଜଣକ ହେଲେଆକାଶ ଚୌଧୁରୀ । ସେ ନଗରନାଲ ଏନଏମଡିସିରେ ସିଆଇଏସଏଫ ର ଏସଆଇ ଭାବେ କାର୍ଯ୍ୟରତ ଥିଲେ । ଗତ କାଲି ସେ ୫ଜଣ ସହଯୋଗୀଙ୍କ ସହ ଗୁଲୁମି ବୁଲି ଯାଇଥିଲେ । ସମସ୍ତେ ମିଶି ଗାଧୋଇବା ସମୟ ରେ ଆକାଶ ଭାସି ଯାଇଥିଲେ । ଖବର ପାଇ ଘଟଣା ସ୍ଥଳରେ କୋଟପାଡ ଅଗ୍ନିଶମ ଏବଂ ଓଡ୍ରାଫ ର ଟିମ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ରାଣି' ଓ 'ନହାଁ'





ଉଦଳା, ୧୬/୨ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ବସବାସ କରୁଥିବା ଆଦିବାସି ଲୋକଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ (ଆଇଟିଡ଼ିଏ) କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । କିନ୍ତୁ କପ୍ତିପଦା ଉପଖଣ୍ଡରେ ବହୁଳ ଭାବରେ ଆଦିବାସି ବିଧବା ମା' ମାନେ ସାମାଜିକ ସୁରକ୍ଷାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଉଦଳା ଆଇଟିଡ଼ିଏ ନିରବ ରହିବା ଯୋଗୁଁ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି ବୋଲି ବୁଝିବାରେ କିଛି ଅସୁବିଧା ହେଉନାହିଁ । କପ୍ତିପଦା ବ୍ଲକର ଜାମବଣି ପଂଚାୟତ ଅନ୍ତର୍ଗତ ବଡ଼ାମପଦା ଗ୍ରାମର ବାସିନ୍ଦା ବିଧବା ମା' ରାଣି ମୁର୍ମୁ ଓ ନହାଁ ହାଁସଦା ସାମାଜିକ ସୁରକ୍ଷାରୁ ବଂଚିତ ଥିବାର ଖବର ଆମର ହସ୍ତଗତ ହୋଇଛି । ରାଣି ମୁର୍ମୁଙ୍କ ସ୍ୱାମୀ ନରେନ୍ଦ୍ର ମୁର୍ମୁଙ୍କର ଆଜକୁ ୨ ବର୍ଷ ତଳେ ଦେହାନ୍ତ ହୋଇ ଯାଇଥିବା ବେଳେ ନହାଁ ହାଁସଦାଙ୍କର ସ୍ୱାମୀ ଭୀମ ହାଁସଦାଙ୍କର ପ୍ରାୟ ୧ବର୍ଷ ପୂର୍ବରୁ ଦେହାନ୍ତ ହୋଇଥିବାର ପରିବାର ଲୋକେ ଜଣାଇଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର, ଆଧାର କାର୍ଡ଼ ସବୁକିଛି ଠିକଠାକ ଥିବା ବେଳେ ଏହି ବିଧବା ମା' ମାନେ କାହିଁକି ଭତା ପାଇପାରୁ ନାହାଁନ୍ତି ତାହା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ୱାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ ଉଭୟେ 'ରାଣି' ଓ 'ନହାଁ' ଜଣାଇଛନ୍ତି । ଜିଲ୍ଲା ପ୍ରଶାସନ ଉକ୍ତ ଘଟଣାରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି ।

## ପୁଲଓ୍ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଭଂଜପୁର ଦୁର୍ଗାପୂଜା କମିଟି

ବାରିପଦା, ୧୬/୨ (ନି.ପ୍ର): ୨୦୧୯ ଫେବୃୟାରୀ ୧୪ ତାରିଖରେ ପୁଲଓ୍ୱାମା ଠାରେ ୪୦ ଜଣ ସି ଆର ପି ଏଫ ଯବାନ ସହିଦ ହୋଇଥିଲେ ଓ ସେହି ଦିନକୁ ପ୍ରତିବର୍ଷ କଳା ଦିବସ ଭାବେ ସାରା ଦେଶରେ ପାଳିତ ହୋଇଆସୁଛି ଓ ଏହି ଅବସରରେ ସ୍ଥାନୀୟ ଭଂଜପୁର ଛକରେ ଦୁର୍ଗାପୂଜା କମିଟିର ସଦସ୍ୟ ମାନେ କ୍ୟାଣ୍ଡେଲ ଜାଳି ଓ ନୀରବ ପ୍ରାର୍ଥନା କରି ବୀର ସହିଦ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଓ ଦେଶ ପାଇଁ ବଳିଦାନ ଦେଇଥିବା ସହିଦମାନେ ସର୍ବଦା ଅମର ହୋଇ ରହିବେ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ ଓ କମିଟିର ପ୍ରସନ୍ନଜିତ ମହାନ୍ତି, ସୁନୀଲ ନାୟକ, ସିଦ୍ଧାର୍ଥ ପଣ୍ଡା, ସତ୍ୟାନନ୍ଦ ବାରିକ, ରଂଜିତ ପାତ୍ର, ମାନସ ପାତ୍ର ଓ ସଞ୍ଜୟ ସାହୁ ଙ୍କ ସମେତ ସ୍ଥାନୀୟ ଯୁବପିଢ଼ି ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ୧୭ ଫେବୃଆରୀ ୨୦୨୬, ମଙ୍ଗଳବାର

## କ୍ଷତିକାରକ ଧୂମପାନ



ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ । ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ । ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ । ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ । ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି । ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ । ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ । ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ । ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ । ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ । ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ । ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ । ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ । ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ ।

## ଅଧିକ ଫ୍ୟାଟ୍ ଯୁକ୍ତ ଖାଦ୍ୟ ଖାଉଛନ୍ତି କି ? ଦେଖାଦେଇପାରେ ଏସବୁ ସମସ୍ୟା



ଆମେ ସବୁବେଳେ ସୁଷମ ଖାଦ୍ୟ ଖାଇବା ଦରକାର । ଯଦି ଏଣ୍ଣୁତେଣ୍ଣୁ ଖାଦ୍ୟ ଖାଇବା ଅଭ୍ୟାସରେ ପଡ଼ିଥାଏ ତେବେ ଏହା କିଛି ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ । ବିଶେଷଭାବରେ ଜଣେ ବ୍ୟକ୍ତି ଫ୍ୟାଟ୍‌ଜାତୀୟ ଖାଦ୍ୟ ପ୍ରତି ଅଧିକ ସର୍ତକତା ଅବଲମ୍ବନ କରିବା ଦରକାର । କାରଣ ଏହାର ଖରାପ ପ୍ରଭାବ ଅଧିକ ପରିମାଣରେ ଶରୀର ଉପରେ ପଡ଼ିଥାଏ । ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହାଦ୍ୱାରା ଷ୍ଟ୍ରୋକ୍ ଆଶଙ୍କା ରହିଛି ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଏଭଳି ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ । ପ୍ରାୟ ନିୟମିତ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା । ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମସ୍ତିଷ୍କ ଉପରେ ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ । ପରିଶେଷରେ ଜଣାପଡିଥିଲା ଯେ, ଏଭଳି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ବ୍ରେନ୍ ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା । ତେଣୁ ଏଭଳି ଖାଦ୍ୟ ଖାଇବା ଅଭ୍ୟାସକୁ ଯେତେ ସୀମିତ ରଖିବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।




ଲୋକମାନେ ମଧ୍ୟ ଭାବି ଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଖାଇଲେ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ । ମାତ୍ର ଏସବୁ ଭୁଲ ଧାରଣା । ସମସ୍ତେ ଜାଣିରଖିବା ଉଚିତ ଯେ ମାନସିକ ରୋଗର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ । ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ମାନସିକ ରୋଗ ଠିକ୍ ? ହୋଇଯାଏ । ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣର୍ ଭୁଲ । ବରଂ ବିବାହ ଏହି ରୋଗୀଙ୍କୁ ଅଯଥାରେ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପରିସ୍ଥିତିକୁ ଠେଲିଦିଏ । ମାନସିକ ଅବସ୍ଥା ଠିକ ନ ଥିଲା ବେଳେ ସଂସାର ଆରମ୍ଭ କରିବା, ପରସ୍ପରର ଦାୟିତ୍ୱ ନେବା ବରଂ ଚିନ୍ତାଜନକ ହୋଇପାରେ ଓ ରୋଗର ପରିଣତି ଉପରେ କୁପ୍ରଭାବ ପକାଇପାରେ । ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ । ଲୋକମାନେ ଭାବିଥାନ୍ତି ଯେ ମାନସିକ ରୋଗଗୁଡ଼ିକର ଚିକିତ୍ସା କେବଳ ଔଷଧ ଦ୍ୱାରା ହିଁ ହୋଇପାରିବ । ମାତ୍ର ସମସ୍ତେ ଜାଣିରଖିବା ଉଚିତ କେତେକ ମାନସିକ ସମସ୍ୟା (ଯେମିତିକି ଡିପ୍ରେସନ, ଆଙ୍ଗଜାଇଟି) ଅଛି ଯେଉଁଥିରେ ଯଦି ଆପଣ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ପାଇଁ ଆସୁଛନ୍ତି ତେବେ ଆପଣ କେବଳ ନିୟମିତ କାଉନସେଲିଙ୍ଗ ଦ୍ୱାରା ମଧ୍ୟ ଭଲ ହୋଇପାରିବେ । ବେଳେବେଳେ ଦରକାର ପଡ଼ିଲେ କେତେକ ମାନସିକ ସମସ୍ୟାରେ (ସ୍କିଜୋଫ୍ରେନିଆ, କାଟାଟୋନିଆ, ବାଇପୋଲାର) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦରକାର ପଡ଼ିଥାଏ । ଯେତେବେଳେ ରୋଗୀ ଔଷଧରେ ଆରୋଗ୍ୟ ଲାଭ କରେ ନାହିଁ, ରୋଗୀ ଔଷଧ ଖାଇବାକୁ ଆଦୌ ରାଜି ହୁଏ ନାହିଁ, ରୋଗୀଠାରେ ଆମ୍ବହତ୍ୟା ପ୍ରବଣତା ଦେଖାଯାଏ, ରୋଗୀ ଖାଦ୍ୟ ଖାଇବା ବନ୍ଦ କରିଦିଏ କିମ୍ବା ରୋଗୀ ଅଧିକାଂଶ ସମୟ ଉତ୍ତେଜିତ ହୋଇ ରହେ ସେତେବେଳେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ଦରକାର ପଡ଼ିଥାଏ । ଲୋକମାନଙ୍କ ମଧ୍ୟରେ ଏକ ଧାରଣା ଅଛି ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ବହୁତ କଷ୍ଟଦାୟକ, ଯେମିତି ଫିଲ୍ମରେ ସକ୍ ଦିଆଯିବାର ଦେଖାଯାଏ, ସେହିପରି ହସ୍ପିଟାଲରେ ମଧ୍ୟ ସକ୍ ଥେରାପି ଦିଆଯାଏ । ମାତ୍ର ବର୍ତ୍ତମାନ ବ୍ୟବହାର କରାଯାଉଥିବା ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ସମ୍ପୂର୍ଣ୍ଣ ସୁରକ୍ଷିତ । ଏବେ ନିଶ୍ଚେତକ ସାହାଯ୍ୟରେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦିଆଯାଉଛି । ଏହାର ବ୍ୟବହାର ଦ୍ୱାରା ରୋଗୀଠାରେ କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉ ନାହିଁ କି ରୋଗୀକୁ କୌଣସି କଷ୍ଟ ହେଉନାହିଁ । ତେଣୁ ମାନସିକ ରୋଗର କାରଣ, ଲକ୍ଷଣ ଓ ଚିକସା ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ରହିବା ଉଚିତ । ମାନସିକ ରୋଗ ସହିତ ଜଡ଼ିତ ନିନ୍ଦା, ଅପବାଦ ଓ ଲାଜକୁ ଆମ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇବାର ସମୟ ଆସିଯାଇଛି । ପ୍ରାରମ୍ଭିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ସବୁ ମାନସିକ ରୋଗର ଚିକସା ସମ୍ପୂର୍ଣ୍ଣ ସମ୍ଭବ ।

## କେମିତି ନିୟନ୍ତ୍ରଣ ରଖିବେ ଓଜନ : ଜାଣନ୍ତୁ ସିକ୍ରେଟ୍ ଫର୍ମୁଲା




ଓଜନ ବୃଦ୍ଧି ପାଇବା ଏବେ ପ୍ରାୟ ଏକ ସାଧାରଣ କଥା ପାଲଟି ଗଲାଣି । ତେବେ ଏଥିପାଇଁ ଆମକୁ ଖାଦ୍ୟପେୟ, ବ୍ୟାୟାମ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ । ତେବେ ଏଭଳି ଏକ ଖାଦ୍ୟ ଅଛି ଯାହାକୁ ନିୟମିତ ଖାଇଲେ ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ । ତାହା କ'ଣ ଜାଣନ୍ତି ? ଗାଜର । ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି । ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଅସ୍ଥି ମଜଭୂତ ରହିଥାଏ । ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ରହିଛି, ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ । ଏଥିରେ ଭିଟାମିନ୍-ସି ଥିବାରୁ ତାହା ଶରୀରରେ ଆଣ୍ଟିବଡି ଗଠନକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଗାଜରରେ ପୋଟାସିୟମ ଓ କ୍ୟାଲ୍‌ସିୟମର ମାତ୍ରା ମଧ୍ୟ ରହିଛି । ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ମଧ୍ୟ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ । ଏଥିରେ ଫାଇବର ପ୍ରଚୁର ପରିମାଣରେ ରହିଛି । କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ । ଏହା ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ ।

## ରିସର୍ଚ୍ଚରୁ ଖୁଲାସା : ଭାରତୀୟଙ୍କୁ କ୍ୟାନ୍‌ସର ହେବା ସମ୍ଭାବନା ୧୧ ପ୍ରତିଶତ



ଭାରତରେ ଜୀବନକାଳ ଭିତରେ କର୍କଟ ରୋଗ ହେବାର ଆଶଙ୍କା ପ୍ରାୟ ୧୧ ପ୍ରତିଶତ ରହିଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର)ର ଏକ ନୂତନ ଅଧ୍ୟୟନ ଅନୁଯାୟୀ ମିଜୋରାମରେ ଏହି ବିପଦ ପ୍ରାୟ ଦୁଇଗୁଣ- ପୁରୁଷଙ୍କ ପାଇଁ ୨୧.୧ ପ୍ରତିଶତ ଓ ମହିଳାଙ୍କ ପାଇଁ ୧୮.୯ ପ୍ରତିଶତ । ବଡ଼ ମହାନଗରଗୁଡ଼ିକ ମଧ୍ୟରେ ଦିଲ୍ଲୀରେ ପୁରୁଷଙ୍କଠାରେ କର୍କଟ ହାର ସର୍ବାଧିକ ଥିବା ବେଳେ ଶ୍ରୀନଗରରେ ଫୁସ୍‌ଫୁସ୍ କର୍କଟ ରୋଗ ସମ୍ଭାବନା ସର୍ବାଧିକ ରହିଛି । ଭାରତର ଡାକ୍ତରୀ ଗବେଷଣା ପ୍ୟାନେଲର ଏହି ଅଧ୍ୟୟନରେ ଦେଶରେ ବଢୁଥିବା କର୍କଟ ମାମଲାକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ନ୍ୟାସନାଲ କ୍ୟାନ୍‌ସର ରେଜିଷ୍ଟ୍ରି ପ୍ରୋଗ୍ରାମ୍ ଇନ୍‌ଭେଷ୍ଟିଗେଟର ଗ୍ରୁପ୍‌ର ନେତୃତ୍ୱ ନେଇଥିଲା, ଯେଉଁଥିରେ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର), ଟାଟା ମେମୋରିଆଲ ସେଣ୍ଟର ଓ ଡକ୍ଟର ବିଆର ଆମ୍ବେଡ଼କର ଇନ୍‌ଷ୍ଟିଚ୍ୟୁଟ୍ ରୋଟାରୀ କ୍ୟାନସର ହସ୍ପିଟାଲ ଓ ଦିଲ୍ଲୀ ଏମ୍ସର ବୈଜ୍ଞାନିକମାନେ ସାମିଲ ଥିଲେ ଏବଂ ୪୩ଟି ଜନସଂଖ୍ୟାଭିତ୍ତିକ କର୍କଟ ପଞ୍ଜୀକରଣର ତଥ୍ୟକୁ ବ୍ୟବହାର କରି ସମଗ୍ର ଭାରତରେ ୭ ଲକ୍ଷରୁ ଅଧିକ କର୍କଟ ମାମଲା ଏବଂ ୨ ଲକ୍ଷରୁ ଅଧିକ ମୃତ୍ୟୁର ବିଶ୍ଳେଷଣ କରିଥିଲେ । ମିଜୋରାମରେ ଆଇଜଲ ଜିଲ୍ଲାରେ ପ୍ରତି ୧ ଲକ୍ଷ ପୁରୁଷଙ୍କ ମଧ୍ୟରେ ୨୫୬ ଏବଂ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରେ ୨୧୭ ଜଣ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି । ପୁରୁଷମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ କର୍କଟ ମୁଖଗହ୍ୱର, ଫୁସ୍‌ଫୁସ୍ ଓ ପ୍ରୋଷ୍ଟେଟ୍ କର୍କଟ ହୋଇଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ସ୍ତନ, ଗର୍ଭାଶୟ ଗ୍ରୀବା ଓ ଡିମ୍ବାଶୟ କର୍କଟ ଥିଲା । ମୁଖଗହ୍ୱର କର୍କଟରେ ଏକ ଚିନ୍ତାଜନକ ଧାରା ଦେଖିବାକୁ ମିଳିଥିଲା । ଅହମଦାବାଦରେ ମୁଖଗହ୍ୱର କର୍କଟ ପୁରୁଷଙ୍କଠାରେ ୪.୭% ଓ ମହିଳାଙ୍କଠାରେ ୬.୯% ବୃଦ୍ଧି ପାଇଛି । ଜାମା ନେଟୱାର୍କ ଓପନରେ ପ୍ରକାଶିତ ଏହି ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଦେଶର କେତେକ ସ୍ଥାନରେ ସାମଗ୍ରିକ କର୍କଟ ମାମଲା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଉଦାହରଣ ସ୍ୱରୂପ, କାମରୂପ ସହରାଞ୍ଚଳ (ଆସାମ)ରେ ପୁରୁଷଙ୍କଠାରେ କର୍କଟ ମାମଲା ବାର୍ଷିକ ୩.୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ତିରୁଅନନ୍ତପୁରମ୍ (କେରଳ)ରେ ମହିଳାଙ୍କ କ୍ଷେତ୍ରରେ ବାର୍ଷିକ ୩.୪ ପ୍ରତିଶତ ବୃଦ୍ଧି ଘଟିଛି । ଗବେଷକମାନେ ଆକଳନ କରିଛନ୍ତି ଯେ, କେବଳ ୨୦୨୪ରେ ଭାରତରେ ପ୍ରାୟ ୧୫ ଲକ୍ଷ ୬୨ ହଜାର ୯୯ ଜଣ ନୂତନ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ୮ ଲକ୍ଷ ୭୪ ହଜାର ୪୦୪ ଜଣ ଏହି ରୋଗରେ ପ୍ରାଣ ହରାଇଛନ୍ତି । ଅଧ୍ୟୟନ ଅନୁଯାୟୀ, ଭାରତରେ କର୍କଟକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା, ପ୍ରତିରୋଧ ଓ ଶୀଘ୍ର ଚିହ୍ନଟ ଉପରେ ଧ୍ୟାନ ଦେବା ପାଇଁ ମିଳିତ ପ୍ରୟାସ ଆବଶ୍ୟକ । ପ୍ରତିରୋଧ ସହିତ କର୍କଟ ଚିକିତ୍ସା ସୁବିଧାରେ ଉନ୍ନତି ଆଣିବା ଓ ସେବାକୁ ବିସ୍ତାର କରିବା ଜରୁରୀ, ବିଶେଷକରି ଯେଉଁ ଅଞ୍ଚଳରେ କର୍କଟ ମାମଲା ଅଧିକ ଥାଏ ।

## ବାରମ୍ବାର ରୋଗରେ ପଡୁଥିବା ଲୋକ ଖାଦ୍ୟରେ ସାମିଲ କରନ୍ତୁ ଏହି ଫଳ : ବଢ଼ିବ ଇମ୍ୟୁନିଟି

ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା' କିଛି ରୋଗ ଲାଗିରହିଥିବ । ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ, ଛିଙ୍କ ଭଳି ସମସ୍ୟା ଲାଗିରହିଥିବ । ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ । ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ । ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ । ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ । ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ । ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ୍ୟ ନିହାତି ଜରୁରୀ । ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ । ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ । କମଳା, ଲେମ୍ବୁ , କିୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ । ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ । ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ୍ୟ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ୍ୟ ନିୟନ୍ତ୍ରଣରେ ରଖେ ।



# କବିତାମାଳା

## ଜଙ୍ଗଲ
### ସୁଧୀର ମେହେର



ଦେଖ,
ତମମାନଙ୍କ ପାଇଁ
ଆମର କତେ ଦରଦ !

ମାଟି ଭିତରେ
ଦେହର ଶିରା ପ୍ରଶିରା ମେଲି ଦେଇ
ଶକ୍ତ ଭାବରେ ଯାବୋଡି ଧରି
ରଖିଚୁ ମାଟିକୁ,
ତମେ ସ୍ୱାଚ୍ଛନ୍ଦରେ ପାଦ ଥାପି
ନାଚି କୁଦି ରହି ପାରିବ ବୋଲି ଶାନ୍ତିରେ ।

ଶୂନ୍ୟକୁ ବାହୁ ବିସ୍ତାରି
ହାତରେ ଧରି ରଖିଚୁ
ମେଘ ବେକର ଲଗାମ୍,

ଆବଶ୍ୟକ ବେଳେ
ପୋଛି ଦେବ ବୋଲି ଆଖିରୁ ନିଥିରି
ଆସୁଥିବା ଦି'ଧାର ଲୁହ ।।

ନିଃସ୍ପନ୍ଦ ଦେହରେ ପବନ ଫୁଙ୍କି
ଜୀବନ ସଞ୍ଚରି ଚାଲିଚୁ ଅହରହ,
କେବେ ମୋହନ ବଂଶୀ ସାଜି
ମନକୁ ଆହ୍ଲାଦିତ କରିଚୁ
ତ କେବେ ପୁଣି ନିଜକୁ

ନାନା ରଙ୍ଗରେ ସଜେଇ
ମାଟିକୁ ଚିତ୍ରିତ କରିଚୁ
ଖାସ୍ ତମମାନଙ୍କ ଓଠରେ ଚେନାଏ ହସ
ଓ ଡେଣାରେ
ନୂତନ ପୁଲକ ଭରି ଦେବା ପାଇଁ ।

ତମମାନଙ୍କ
ନିର୍ଭୟ ଆଶ୍ରୟ ପାଇଁ
ଖରା, ବର୍ଷା, କାକରରେ ନିଜେ
ଛତା ଭଳି ଠିଆ ହୋଇ
ପାତି ଦେଇଚୁ ଆମର ବିଶାଳ ଛାତି,
ତମମାନଙ୍କର ଆବଶ୍ୟକତାରେ
କାଟି ଦେଇଚୁ ବି
ହାତ, ପାଦ ଏପରିକି ସଅଁପି ଦେଇଚୁ ବି
ଆମର ସମ୍ପୂର୍ଣ୍ଣ ମାଦଳ ଶରୀର ।

ତଥାପି,
ଆମ ମାନଙ୍କ ପାଇଁ
ତମମାନଙ୍କର ତିଳେମାତ୍ର ସଂବେଦନା ନାହିଁ,
ବରଂ ନୃଶଂସ ଭଳି ମନ ଇଚ୍ଛା
ଲୁଟି ଚାଲିଚ ଆମକୁ,
ଯତ୍ନ ନେବା ତ ଦୂର କଥା,
ଶୋଷରେ ଆଉଟୁ ପାଉଟୁ
ହେଲା ବେଳକୁ ବି
ଢୋକେଇ ଦେଇନ ପାଣି ମୁନ୍ଦାଏ !

କେତେ ନିର୍ଦ୍ଦୟ
ତମେମାନେ ସତରେ !
କ'ଣ କୁହା ଯାଇ ପାରେ ତମମାନଙ୍କୁ.... ?
ହୃଦୟହୀନ , କୃତଘ୍ନ.......
ନା, ଅମଣିଷ ..... ?

+ଚିଚୈଗୁଡା, ଜୁନାଗଡ଼,
କଳାହାଣ୍ଡି, ପିନ୍-୯୫୮୩୫୮୮୮୮୭
ମୋ: ୯୫୮୩୫୮୮୮୮୭



## ଏକ ସୁନ୍ଦର ମିଛ କବିତା
### ଶରତ କୁମାର ଦାସ



ବବିତା
ସ୍ୱପ୍ନ ଛୁଏଁ, ଜହ୍ନ ଧରେ
ମୋବାଇଲରେ ଫେସବୁକ ଘାନଟେ
ହ୍ୱାଟ୍ସଆପରେ ସୁନ୍ଦର କବିତା ଲେଖେ
ତେବେ ଅନେକ ସମୟରେ
ଗୁଡ଼ାଏ ମିଛକଥା ଗପେ।

ସେ ମିଛ ଚାତୁରିରେ
କି କିମିଆ ଥାଏ କେଜାଣି
ଆମେ କିଛି ଭଦ୍ରଲୋକ
ନିଶାର୍ଦ୍ଧରେ ଉଠିପଡ଼ି
ଆକାଶର ହସ ଗଣୁ
ପବନର ଢ଼ୋକ ପିଉ
ବେଳେବେଳେ
ସିଗାର ଭିଡୁ, ସାଂପାନ ନଉ
ଓ ଶେଷରେ
ଚେତାଶୂନ୍ୟ ହୋଇ ପଡିରହୁ
ନିଜକୁ ନିଜେ ଆବିଷ୍କାର କରିବା ପୂର୍ବରୁ
କେଉଁ ପରିତ୍ୟକ୍ତ
ରାସ୍ତାକଡ଼ ବିଶ୍ରାମଗାରରେ।

ବବିତା ହସେ
କପଟୀ ପକ୍ଷୀର ହସ
ଉତ୍ତାଳ ତରଙ୍ଗ ପରି
ଦୃଶୁଥାଏ ତା ଭଙ୍ଗୁର ବ୍ରଣଦୁଷ୍ଟ ମୁଖ
ଆମେ ଭାବୁ
ଏତେ ସୁନ୍ଦର କବିତା ଲେଖୁଥିବା ଝିଅଟି
ସତରେ କଣ ଏକ ଡ଼ାହା ମିଛ ?

ତେବେ ବବିତା
ସୁନ୍ଦର କବିତା ଲେଖେ
ନା ତା'କବିତା ଆମକୁ
ଭାରି ସୁସ୍ମିତ ଲାଗେ ଠିକ ତା'ପରି
ଆମେ ଜାଣୁନା
ତେବେ ଆମ ଚାରିକଡେ
ଉଡିବୁଲୁଥିବା ମେଘମାଳା ମାନେ
ବର୍ଷଣ ମୁଖର ହୋଇଉଠନ୍ତି ଅବେଳରେ
ଯେତେବେଳେ ତା' ଅକବିତା ମାନେ
କବିତା ପାଲଟି ଯାଉଥାଆନ୍ତି
ତା' ସୁନ୍ଦର ମିଛର ଟାଣପଣରେ।

+ପାଲୁର ବଙ୍ଗଳା
ଘର ନମ୍ବର.. ୨୬
ବ୍ରହ୍ମପୁର
ମୋ: ୯୮୬୧୪୦୨୪୭୩

## ତୋ ମନ ମଳୟ
### ସନ୍ତୋଷ କୁମାର ଅଦାବର



ବରଷକେ ଥରେ ବସନ୍ତ ଆସଇ
ମଳୟକୁ ସାଥେ ଧରି
ତୋ ମନ ମଳୟ ଅବିରତ ମୋର
ହୃଦେ ଥାଏ ବସା କରି ।

ସବୁ ମାସ ଲାଗେ ଫଗୁଣ ଫଗୁଣ
ସବୁ ଋତୁ ଲାଗେ ବସନ୍ତ
ତୋ ମନ ମଳୟ ଲଗାଇଛି ଯେଣୁ
ମୋ ମନେ ମୋହିନୀ ମନ୍ତ୍ର ।

ବାଃ ! କି ଶିହରଣ ଖେଳୁଥାଏ ମୋର
ତନୁ ମନେ ଅହରହ
ସ୍ନିଗ୍ଧ ଓ ଶୀତଳ ସଂସ୍ପର୍ଶରେ ମୋର
ଧୋଇନିଏ ଲୁହ, କୋହ ।

ବିଶ୍ୱାସର ନିଃଶ୍ୱାସରେ ଚାଲିଆସେ
ତୋରି ମନର ମଳୟ

ଆତ୍ମୀୟତା ଗୁଣେ ବାନ୍ଧି ରଖିଅଛି
ମୋର ବିଶ୍ୱାସୀ ହୃଦୟ ।

କାମନା, ବାସନା ଦିଏ ଯେ ବେଦନା
କ୍ଷଣିକର କ୍ରୀଡ଼ାରସେ
ଶାଶ୍ୱତ ସତ୍ୟର ପଥ ଦିଶେ ମୋର
ତୋ ମନ ମଳୟ ସ୍ପର୍ଶେ ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## ପ୍ରେମ
### ସସ୍ମିତା ପଟ୍ଟନାୟକ



ପ୍ରେମ ଦୁନିଆଁର ସୁନ୍ଦର ଭାବନା
ସ୍ୱର୍ଗୀୟର ଅନୁଭବଟିଏ ।

ଆଶା ସଞ୍ଚରିତ ବଞ୍ଚିବାର ରାହା
ପ୍ରେରଣାର ଉଦ୍ଦୀପକଟିଏ ।

ପ୍ରେମ ଦେଇଥାଏ ସୁଖ ଦୁଃଖ ପୁଣି
ସାଜେ ପ୍ରତାରଣା କଣ୍ଟାଟିଏ ।

ପୁଣି ଚିରନ୍ତନ ଶାଶ୍ୱତ ଅଟଇ
ସାଜଇ ଗୋଲାପ କଢ଼ିଟିଏ ।

ସ୍ୱତନ୍ତ୍ର ଲୋକର ପ୍ରତି ଥିବା ସ୍ନେହ
ଶ୍ରଦ୍ଧା ଅଭିବ୍ୟକ୍ତି ସିନା ପ୍ରେମ ।

ମାନେ ନାହିଁ ବାଧା ବିଘ୍ନ ପରିସୀମା
ମାନେ ନାହିଁ ଜାତି ବର୍ଣ୍ଣ ଧର୍ମ ।

ନିଜ ଜୀବନକୁ ଗଢି ତୋଳିବାର
ସୁଗମ ପଥର ପଥିକ ପ୍ରେମ ।

ଭଲ ପାଇବାର ପରିଭାଷା ସାଜି
ଭବିଷ୍ୟତ ପଥ ସଜାଡ଼େ ଆମ ।

ରାଗ ରୁଷା ଅଭିମାନ ଫେଣ୍ଟା ଫେଣ୍ଟି
ଆକର୍ଷଣ ରୂପ ଅଟଇ ପ୍ରେମ ।

କିଏ କହେ ତାକୁ ଅଢେଇ ଅକ୍ଷର
ଶବ୍ଦ ନାହିଁ ଆଉ ତାହାରି ସମ ।

+ରାସୋଳ
ଢେଙ୍କାନାଳ

## ଫେରିଆସ ଗାନ୍ଧୀ
### ଇନ୍ଦୁମତୀ ପାତ୍ର

ହେ ମୋର ମଣିଷ କୋଟି ଜନ ଇଶ
ରହିଗଲ କାହିଁ ଦୂରେ
ଆଜି ଏ ଦୁର୍ଦ୍ଦିନେ ଭାରତ ଜନତା
ତୁମକୁ କେବଳ ସ୍ମରେ ।

ତୁମେ ଥିଲ ବୋଲି ବେକାବୁ ମଣିଷ
ପାଇଯାଇଥିଲା ରାହା
ଏକତାର ସୂତ୍ରେ ବାନ୍ଧିଥିଲ ତାଙ୍କୁ
ହୋଇଥିଲ ତୁମେ ସାହା।

ସତ୍ୟ ଅହିଂସାର ବାଣୀ ଶୁଣାଇଲ
ଅସ୍ତ୍ର ନ ଥିଲା ଲୋଡ଼ା
ଗୋରା ହାକିମଙ୍କୁ ଅସହଯୋଗରେ
ମାରିଲ ଶକ୍ତ ଜାବୁଡ଼ା ।

ନ ଥିଲେ କି ତୁମ ଘର ପରିବାର
ନ ଥିଲେ ଆପଣା କେହି
କି ମୋହିନୀ ମନ୍ତ୍ରେ ବାନ୍ଧିଲ ଜନତା
ତ୍ୟାଗ ସମର୍ପଣ ନେଇ ।

ଆଜି ତୁମେ ନାହଁ କିଏ ଅଛି କୁହ
ରୋକିବାକୁ ଭ୍ରଷ୍ଟାଚାର
ସବୁ ତ ଆପଣ ସ୍ୱାର୍ଥ ସମ୍ପଦରେ
ସଜାଡୁ ଅଛନ୍ତି ନୀଡ ।

ଧର୍ମ ନାମରେ ଭଣ୍ଡାମୀ ଚାଲେ
ଆତ୍ମା ଘୋଷିତ ଈଶ୍ୱରଙ୍କ ପାଖେ ଭିଡ଼
ଦେଶକୁ ଶତ୍ରୁ ଘେରି ରହିଛନ୍ତି
ଏଥିକୁ ନାହିଁ ନଜର ।

ମଣିଷ ପଣିଆ ଜାଗ୍ରତ କର
ଚେତନାର ଦୀପ ଜାଳ
ଆଖି ଆଗେ ତୁମ ଦେଶର ସମସ୍ୟା
ଦିଶିଯିବ ଜଳ ଜଳ ।

ଭାବିବ ଯଦି ଏ ମାଟି ମା ମୋର
ମୁଁ ତାର ଯୋଗ୍ୟ ପୁଅ
ପ୍ରାଣ ପଛେ ଯାଉ ତା ପାଇଁ ଲଢ଼ିବି
ଦୃଢ଼ କଣ୍ଠରେ କୁହ।

ପାପର ପ୍ରାଣମି ନ ଦିଅ ମା'କୁ
ପୁଣ୍ୟର ଫୁଲ ପରି
ନିଜକୁ ସମର୍ପି ଦିଅ ମାଆ ପାଶେ
ଆପଣା ବାସ ବିତରି।

ଏ ସବୁ ସମ୍ଭବ ଆଉ ଥରେ ଯଦି
ତୁମେ ହିଁ ଆସିବ ଫେରି
ଏ ଜାତି ମଣିଷ ଆଗକୁ ବଢିବେ
ତୁମ ପଥ ଅନୁସରି ।

+ଗୌର ତୋଟା ସାହି
କେନ୍ଦୁଝରଗଡ଼
ମୋ:୯୮୬୧୬୪୯୦୨୯

## ଧାରା
### ସୁଜିତ କୁମାର ମିଶ୍ର



ଆକାଶରେ ଆକାଶେ ତାରା
ଗଣିବା ଅପ ପ୍ରୟାସ
ଚାହିଁବାରେ କେଉଁ ବାଧକର ଧାରା ?

ସଭିଏଁ ସପନ ମୁଖର
ମୋତେ ଛୁଇଁଦିଅ
ମୁଁ ହେବି ପାରାବାର,
ତାତିଲା ପ୍ରାଣରୁ ଉଭାନ୍
ଝୋଟିଚିତା, ନିର୍ଝରିଣୀ ସ୍ୱର,
ଏ ସାର୍ଥକ ସୃଷ୍ଟିର ଝର
ନା ଗୋଟାଏ ଗୋଟାଏ
ଜଡ ପ୍ରମାଣପତ୍ରର ଲମ୍ବା ଓସାର ।

ବାହାରେ ବର୍ଷା
ଭିତର ବର୍ଷାରେ ଭିଜୁଛି କିଏ
ବର୍ଷାତି ଛତାରେ ମୁଁ ଜିତୁଛି ବର୍ଷାକୁ
ଅସଲରେ ବର୍ଷା ଦେଖୁଛି
ମୋ ଅସରନ୍ତି ଅସହାୟତାକୁ,
ଅତଏବ ମୁଁ କେବେଠୁ
ହରାଇସାରିଛି ମୋ ଆଖି ଦ୍ୱୟକୁ ।

ଟ୍ରେନ୍ ଦୌଡୁଛି
ଦୌଡିବାକୁ ଦିଅ
ମଝିରେ ଅଟକି ସୁଖଦୁଃଖରେ
ଗଛର ପତ୍ର ଫୁଲ ଫଳ ପରି ଭାଗନିଅ ।

ଏଠି ସଭିଏଁ କ୍ଷତାକ୍ତ,
ଚଳେ ଚଳେ ରକ୍ତଦାନରେ
ଆରୋଗ୍ୟ ହସ ।

ଆମ ଭିତରେ ମାଟି ପାଣି ପବନ ଆଲୋକ,
ଫୁଲଟିଏ ଫୁଟିବାରେ ଏତେ କାହିଁକି ଡେରି,
ଆପଣାକୁ ପଚାର ମୋହକୁ ସମାଧି ଦେଇ
ମହୋଦଧିରେ ସ୍ନାନ ସାରି ।

ଆମେ ବୈଶାଖ ବର୍ଷା ବସନ୍ତ ସବୁର ଧାରା,
ଗୋଟିଏ ନିର୍ଦ୍ଦିଷ୍ଟ ଋତୁର ବାସ୍ନା
କାହିଁକି ଆମ ଅଗଣାରେ ଆତଯାତ,
ଆମେ ପ୍ରୀତି ନା ପ୍ରେତ,
ଏ ଦେହ ତ ଶିଳାଖଣ୍ଡର
ଆଦିମ ଅଭିଲେଖ ।

ଚର୍ବିଳ ଚଞ୍ଚଳ ମନର ଧାରା
କଣ ଅଜାଡି ଦେବ ଚନ୍ଦନର ବାସ,
ଗୋଟାଏ ଖିନଭିନ କରୁଥିବା ସାମ୍ରାଜ୍ୟରୁ
ଓହ୍ଲାଇ ଆସି
ପ୍ରକୃତି ସିଂହାସନରେ ବସ,
ଏହାହିଁ ତ ଜୀଇଁବାର ମିଠା ମିଠା ଶ୍ୱାସ ।

ଜଡର ମୋହରୁ ହିଁ
ଅସରନ୍ତି ଝଡ,
ଜହ୍ନରାତିର ଧାରାରୁ ହିଁ
ତିଆରି ହୁଏ ଅଭେଦ୍ୟ ହୃଦୟଗଡ ।

ଆରମ୍ଭ ଅନ୍ତିମ ହିଁ
ଅପାଶୋରା ପ୍ରେମର ଧାରା ।

+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଦେହ
### ତପନ ସାହୁ



ଦେହ
କେବଳ ହାଡ଼, ମାଂସ ଓ ରକ୍ତର
ଗଠନ ନୁହେଁ,
ଏକ ଅଦୃଶ୍ୟ ଆଲୋକର
ଅସ୍ଥାୟୀ ଘର।

ଏହି ଦେହ ଭିତରେ
କେତେ ଅନୁଚ୍ଚାରିତ ଚିତ୍କାର,
କେତେ ଅସ୍ପଷ୍ଟ ସ୍ୱପ୍ନ
ଲୁପ୍ତ ରହିଛି ନିରବତାରେ।

ଦେହ
କେବେ ଜୟଧ୍ୱନିର ମଞ୍ଚ,
କେବେ ଅପମାନର ଅଗ୍ନିକୁଣ୍ଡ,
କେବେ ପ୍ରେମର ମୃଦୁ ସ୍ପର୍ଶ,
କେବେ ବିଚ୍ଛେଦର ଶୀତଳ ପାହାଡ଼।

ତଥାପି
ଦେହ କେବଳ ଘଟଣାର ସାକ୍ଷୀ ନୁହେଁ,
ସମୟର ନିରବ ଡାଏରୀ,
ପ୍ରତିଟି ଘାତ, ଆଘାତ,
ପ୍ରତିଟି ସ୍ନେହ, ପ୍ରେମ, ତିରସ୍କାର, ସ୍ୱୀକାର
ମନତଳେ ଲେଖିଯାଏ ନିଜ ଇତିହାସ।

ଦେହ
କେବେ ଶ୍ରମର ଝାଳରେ ଭିଜେ,
କେବେ ଆକାଂକ୍ଷାର ଅଗ୍ନିରେ ଜଳେ,
କେବେ ଅନ୍ୟାୟର ବେଦନାକୁ
ନିରବରେ ସହିଯାଏ।

ଦେହ ସିନା ପଞ୍ଚଭୂତରେ ବିଲୀନ ହୁଏ,
ମାଟିରେ ମାଟି ହୁଏ,
ନିଃଶ୍ୱାସର ଯାତ୍ରା ସରେ
କାଳର ନିରବ ସଙ୍ଗୀତରେ।

କିନ୍ତୁ କର୍ମ ହିଁ ଆମର ସତ୍ୟ ପରିଚୟ,
ସେହି ହିଁ ରହେ ଚିରକାଳ ଅକ୍ଷୟ।

+ ବେଲଗାଁ, ମ.ରାମପୁର, କଳାହାଣ୍ଡି,
ମୋ:୯୦୧୯୩୧୧୮୬୮



## ଫଗୁଣ ଖବର
### ସିଦ୍ଧେଶ୍ୱର ତ୍ରିପାଠୀ

ଫଗୁଣ ଖବର କିଏ ଅବା ଦେବ
ତୁମେତ ଗଲଣି ଦୂରେ
ବଉଳର ବାସ କୋଇଲିର ହସ
ରହିଗଲା ସପନରେ ।

ସେବେଠୁ ସେମିତି ମନ କୁହୁଳୁଛି
ତୁମପାଇଁ ଅହରହ
ଜାଣିଛି ଏମନ କେବେ ଫେରିବନି
ଆଉ ସେ ମିଠା ସମୟ ।

କେବେ ପଡିବନି ତୁମ ଦୁଇ ପାଦ
ଏଇ ମୋ ଅଗଣା ଘରେ
ଫଗୁଣ ଖବର କିଏ ଅବା ଦେବ
ତୁମେତ ଗଲଣି ଦୂରେ ।

ତୁମରି ସାଥିରେ ସବୁତ ଯାଇଛି
ଜୀବନର ସୁଖ ଶିରି
ମନ ମରିଯାଏ ଲୁହ ଝରିଯାଏ
ତୁମପାଇଁ ଝୁରିଝୁରି ।

ଥରେ ସେ ସମୟ ଚାଲିଗଲା ପରେ
ଆଉକିବା ଥରେ ଫେରେ
ଫଗୁଣ ଖବର କିଏ ଏବେ ଦବ
ତୁମେତ ଗଲଣି ଦୂରେ ।

+ଖୋର୍ଦ୍ଧା

## ଶବ
### ବର୍ଷାସ୍ନାତା ପଣ୍ଡା



କେତେ ଏମିତି ମୁହଁ ଶବ ହେବେ,
ମିଛ, ଅହଂକାର, ଗର୍ବ,
କୋକେଇରେ ଯିବେ।

କେତେ ଅସହିଷ୍ଣୁ,
ଅସୂୟା, ପରଶ୍ରୀକାତରତା
ଜୁଇରେ ଜଳିବେ,
ତଥାପି ମଣିଷ ପଶୁ ହେବେ,
ମଣିଷ କି ଦେବତା ନୋହିବେ।

କୁଢ଼ କୁଢ଼ ଶବ ଭିତରେ
କେହି କାହିଁକି ଭାବନ୍ତିନି,
କାହା ଆଖିରେ ଲୁହ ଦେଲାବେଳେ,
କେହି ଜଣେ ଦେଖୁଛି,
ସବୁ କୋହର ହିସାବ ରଖୁଛି।
ନିକିତିରେ ଭାଗମାପ କରି
ସୁଖ ଦୁଃଖ ତରାଜୁଛି।

+ସାହୁପଡ଼ା, ବାଲେଶ୍ୱର

## ପ୍ରିୟତମ
### ଦିନେଶ ମେହେର

ସେଦିନ ଫଗୁଣକୁ ନେଇ ଆସିବ ବୋଲି
କଥା ଦେଇ ଚାଲି ଯାଇଥିଲ
ଦୂରକୁ, ବହୁ ଦୂରକୁ... !

ଆସିବା ବାଟରେ
ଟୋପାଏ ସିନ୍ଦୂର
ମୁଠାଏ କାଗଜଫୁଲର ଗଜରା,
ଆଉ ମଧୁ ବସନ୍ତକୁ ନେଇ ଆସିବ ବୋଲି
ହାତରେ ହାତ ରଖି କଥା ଦେଇଥିଲ,

ସେଦିନ ଚାଲିଯିବ ଆଗରୁ
ତମେ କହିଥିଲ
ମୁଁ ସବୁବେଳେ ତମ ପାଖେ ପାଖେ ଅଛି
ତମ ପାଦଚିହ୍ନକୁ ସାଉଁଟି
ତମ ପଛରେ ରହିଛି ତମ ଛାଇଟେ ହେଇ,
ହେଲେ କେଉଁଠି ?
ସବୁଠି ତ ଖାଲି ଏଇ ଅନ୍ଧାର,
ଏଇ ପ୍ରହେଳିକାମୟ ଦୁନିଆ
ଭାରି ଭୟ ଲାଗେ ତମ ବିନା
ଏକୁଟିଆ ବଞ୍ଚିବାକୁ,

ପ୍ରିୟତମ, ଇଛା ଥିଲେ ବି
ସୀମାନ୍ତକୁ ଯିବା ମୋ ପାଇଁ ଭାରି କଷ୍ଟ
ତମକୁ ଫେରେଇ ଆଣିବା ସାତ ସପନ
ଜାଣିଚି ମୁଁ ତମ ପ୍ରେମିକା,
ହେଲେ ତମ ପାଇଁ ମୋ ଠୁଁ ତ ବଳି
ମାଁ ଭାରତୀ,
ଯାର ପ୍ରୀତି ପାରାବାରରେ



ନିଜ ଯୌବନକୁ ଜଳାଞ୍ଜଳି ଦେଇ
ଚାଲିଗଲ ତୁମେ ବହୁ ଦୂରକୁ,

ତମେ କହ କେମିତି ଡାକି ଆଣିଥାନ୍ତି
ମୋ ପଣତ ଭିତରକୁ,
ଡ଼ାକିଲେ କ'ଣ ତମେ ଧାଇଁ ଆସନ୍ତ ଯେ
ତ୍ରିରଙ୍ଗା ପତାକାକୁ ଛାଡ଼ିଦେଇ... ?

ତଥାପି, ବୋଧେ ତମେ ଏଇଠି ରହିଛ
ମୋ ପାଖେ ପାଖେ
ବେଶ୍ ଭଲକି ଜାଣିଛି
ଏବେ ବି ତମେ ସେଇ ଭିଡ଼ ଭିତରୁ
ଲୁଚି ଲୁଚି ମତେ ଦେଖୁଛ,
ତମର ଏଇ ଚଗଲାମିକୁ
ବେଶ୍ ଭଲକି ଜାଣିଛି,
ତଥାପି ପ୍ରତିଉରେ ଥରେ କହି ଦିଅନ୍ତନି
ଫଗୁଣ ଆସିବାର ଏତେ ଦିନ ହେଲାଣି
ତମେ କେବେ ଫେରିବ
ତମର ପୁରୁଣା ଠିକଣାକୁ... ?

ଇତି
ତୁମ ପ୍ରିୟତମା ।

+ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

# ଅଧିବକ୍ତା ପରିଷଦ ପକ୍ଷରୁ ଯୁବ ଅଧିବକ୍ତା ଦିବସ ପାଳିତ




ବାଲେଶ୍ୱର, ୧୬/୨ (ନି.ପ୍ର): ବାଲେଶ୍ୱର ଗୋପାଳଗାଁ ସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଅଧିବକ୍ତା ପରିଷଦ ପକ୍ଷରୁ ଶନିବାର ଯୁବ ଅଧିବକ୍ତା ଦିବସ ପାଳିତ ହୋଇଯାଇଛି । ପରିଷଦର ସଭାପତି ଲକ୍ଷ୍ମୀକାନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାଶ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୁବ ଅଧିବକ୍ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ଅଧିବକ୍ତା ପରିଷଦର ଉପ-ସଭାପତି ରବୀନ୍ଦ୍ର ପଣ୍ଡା, ଓଡ଼ିଶା ଅଧିବକ୍ତା ପରିଷଦର ପୂର୍ବତନ ସମ୍ପାଦକ ତଥା ଉଚ୍ଚ ନ୍ୟାୟାଳୟର ଷ୍ଟାଣ୍ଡିଂ କାଉନସେଲ ଜ୍ଞାନଲୋକ ମହାନ୍ତି ଯୋଗଦେଇ ନିଷ୍ପେସିତ ଜନସାଧାରଣଙ୍କୁ ଆଇନସେବା ମାଧ୍ୟମରେ ନ୍ୟାୟ ଦେବା ପାଇଁ ଅଧିବକ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ଅଧିବକ୍ତା ପରିଷଦର ସମ୍ପାଦକ ଗୋବର୍ଦ୍ଧନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଯୁବ ଆଇନଜୀବୀ ଓ ଆଇନ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଭାରତ ମାତା ଓ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ସତ୍ୟନ୍ଦ୍ର ଉମାଶଙ୍କର ରାଉତ ମଞ୍ଚ ଆହ୍ୱାନ ଓ ରାଜାରାମ ମହାପାତ୍ର ଧନ୍ୟବାଦ ଦେଇଥିଲେ । ସରକାରୀ ପ୍ଲିଡ଼ର ଲମ୍ବୋଦର ନାୟକ, ଓକିଲ ସଂଘ ସଭାପତି କେଶବ କୁମାର ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ବୈଲୋଚନ ଦାଶ, ପରିଷଦର କୋଷାଧ୍ୟକ୍ଷ ପରେଶ କୁମାର ବେହେରା, ପ୍ରଶାନ୍ତି ସାହୁ, ଅରୂପ କୁମାର ଜେନା, ସିଦ୍ଧାର୍ଥ କାମିଳାଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଓଡିଶା ଗାନ୍ଧୀ ବିଚାର ପରିଷଦର ମୁଖପତ୍ର 'ରାଷ୍ଟ୍ରପିତା' ଉନ୍ମୋଚିତ

କେନ୍ଦୁଝର, ୧୬/୨ (ନି.ପ୍ର): ପବିତ୍ର ମହାଶିବରାତ୍ରି ଅବସରରେ ଓଡିଶା ଗାନ୍ଧୀ ବିଚାର ପରିଷଦର ମୁଖପତ୍ର 'ରାଷ୍ଟ୍ରପିତା' ଡିମ୍ବ ପଂଚାୟତର ଭାଲୁଘର ଶିବ ମନ୍ଦିର ଓ ମଇଦାନକେଲର ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜନସାଧାରଣଙ୍କ ନିମନ୍ତେ ଉନ୍ମୋଚିତ ହୋଇଯାଇଛି । କେନ୍ଦୁଝର ଡେଭେଲପମେଂଟ ଟ୍ରଷ୍ଟ ଓ ଓଡିଶା ଗାନ୍ଧୀ ବିଚାର ପରିଷଦର ମିଳିତ ଆନୁକୂଲ୍ୟରେ ଉନ୍ମୋଚନ ଉତ୍ସବରେ ଆଦିବାସୀ ଗବେଷକ ତଥା ସାହିତ୍ୟିକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିଦ୍ୟାଧର ବେହେରା, ନିଶାମୁକ୍ତ ଆନ୍ଦୋଳନର ଆଦିବାସୀ ନେତ୍ରୀ କଳ୍ପନା ନାଏକ,ଭୂମିକା ଜେନେରାଲ୍ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନା, ମନ୍ଦିର ପୂଜକ ରମେଶ ଚନ୍ଦ୍ର ମହାପାତ୍ର, ଚନ୍ଦନେଶ୍ୱର ମନ୍ଦିର କମିଟିର ସଭାପତି ଭଗବାନ ମହାନ୍ତ, ଯୁବସମାଜସେବୀ ମନୋଜ କୁମାର ମହାନ୍ତ, କଳ୍ପନା ମହାନ୍ତ, କାଂଚନବାଳା ମହାନ୍ତ, ରଂଜୁଲତା ମହାନ୍ତ, ଶଙ୍କରଦେବ ମହାନ୍ତ, ମାନସ ରଞ୍ଜନ ପଣ୍ଡା ପ୍ରମୁଖ ମୁଖପତ୍ର ରାଷ୍ଟ୍ରପିତା ପତ୍ରିକାଟିକୁ ମିଳିତ ଭାବରେ ଉନ୍ମୋଚିତ କରିଥିଲେ। ଏହି ଅବସରରେ ଓଡିଶା ଗାନ୍ଧି ବିଚାର ପରିଷଦର ସଭାପତି ତଥା ଗାନ୍ଧୀ ତତ୍ତ୍ୱବିତ୍ ଭକ୍ତବତ୍ସଳ ମହାନ୍ତି କହିଲେ ମା ରମାଦେବୀଙ୍କ ନିକଟରେ କିଶୋର ଅବସ୍ଥାରୁ କାର୍ଯ୍ୟ କରିଆସିଥିବା ଗାନ୍ଧୀବାଦୀ ଶ୍ରୀ ରମାକାନ୍ତ ନାଥ ରାଷ୍ଟ୍ରପିତା ପ୍ରତିକାଟିର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି । ପ୍ରତିକାଟିର ପ୍ରକାଶନ ଓ ପ୍ରସାରପ୍ରଚାର ଦାୟିତ୍ୱ ଓଡିଶା ଗାନ୍ଧୀ ବିଚାର ପରିଷଦ ଦ୍ୱାରା କରାଯାଇଛି । ଗାନ୍ଧି ବିଚାର ପ୍ରସାର, ଗାନ୍ଧି ସାହିତ୍ୟ ସୃଷ୍ଟି କରିବା, ଗାନ୍ଧିଙ୍କ ରଚନାତ୍ମକ କାର୍ଯ୍ୟ ମାଧ୍ୟମରେ ସାବଲମ୍ବନଶୀଳ ସମାଜ ଗଠନ କରିବା, ଗ୍ରାମ ସ୍ୱରାଜ ପ୍ରତିଷ୍ଠା ସହ ଗ୍ରାମାଂଚଳରେ ଏକତା ବଜାୟ ରଖିବା ଏହି ପତ୍ରିକାର ଲକ୍ଷ୍ୟ ରହିଛି । ଗାନ୍ଧିଜୀଙ୍କ ବିଷୟରେ ଅନାଲୋଚିତ ବିଷୟକୁ ଲୋକଲୋଚନକୁ ଆଣିବାର ଲକ୍ଷ୍ୟନେଇ ଏହି ପତ୍ରିକା ପ୍ରକାଶନ ଜାରି ରହିବ ବୋଲି ଭକ୍ତ ବତ୍ସଳ ମହାନ୍ତି ସୂଚନା ଦେଇଛନ୍ତି । ଅମରକୁ ମାରିବ କିଏ ନ୍ୟାୟରେ ସମାଜରେ ଅହିଂସାର ଲଢେଇ ଜାରି ରହିବ ବୋଲି ଓଡିଶା ଓଡିଶା ଗାନ୍ଧୀ ବିଚାର ପରିଷଦ ଦୃଢ ବିଶ୍ୱାସ କରେ ।ଏହି କାର ?ୟ୍ୟକ୍ରମକୁ ମନ୍ଦିର କମିଟିର ସଦସ୍ୟ ସଦସ୍ୟା ଶୈବ ଉପାସକ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ଯୁବବନ୍ଧୁ ମାନେ ସହଯୋଗ କରିଥିଲେ। ଉନ୍ମୋଚନ ସ୍ଥାନରେ ରାଷ୍ଟ୍ରପିତା ବଂଟନ କରାଯାଇଥିଲା।

## ବିଧାନସଭା ଭିତରେ ଓ ବାହାରେ ରହିବ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୧୬/୨ (ନି.ପ୍ର): ଆସନ୍ତାକାଲି ଠାରୁ ବିଧାନସଭାର ବଜେଟ୍ ଅଧିବେଶନ । ବଜେଟ ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କଲା କମିଶନରେଟ ପୋଲିସ ଓ ବିଧାନସଭା ଭିତରେ ଓ ବାହାରେ ରହିବ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଓ ଡଗ ସ୍କ୍ୱାର୍ଡ, ବମ ସ୍କ୍ୱାର୍ଡ, ସ୍ନେକ ହେଲ୍ପଲାଇନ, ଅଗ୍ନିଶମ ବିଭାଗ, ବିଧାନସଭା ଭିତରେ ଓ ବାହାରେ ନିୟୋଜିତ ରହିବେ । ୨୦ ପ୍ଲାଟୁନରୁ ଉର୍ଦ୍ଧ୍ୱ ପୋଲିସ ଫୋର୍ସ ଏଥିପାଇଁ ବିଧାନସଭା ଚତୁଃପାର୍ଶ୍ୱରେ ମୁତୟନ ରହିବେ ଓ ସିସିଟିଭି ଭିତରେ ସମ୍ପୂର୍ଣ୍ଣ ବିଧାନସଭା ପରିସର ରହିବ । ଏଥିପାଇଁ ବିଧାନସଭା ଆଗରେ ଅସ୍ଥାୟୀ ପୋଲିସ କ୍ୟାମ୍ପ ସହିତ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ ତିଆରି କରାଯାଇଛି ।

# ନୋସି ଉତ୍କଳାରେ ୩ୟ 'ଖାସ୍ ତୁମ ପାଇଁ ...' ପାଳିତ: ସମ୍ବର୍ଦ୍ଧିତ ହେଲେ ୬ ନିଆରା ଓ ସଫଳ ଦମ୍ପତି




ବାଲେଶ୍ୱର , ୧୬/୨ (ନି.ପ୍ର): ଗତ ଶନିବାର ୧୪ ଫେବୃଆରୀ ୨୦୨୬ ସନ୍ଧ୍ୟାରେ ନୋସି ଉତ୍କଳା ପରିସରରେ ବିଗତ ବର୍ଷ ପରି '୩ୟ ଖାସ୍ ତୁମ ପାଇଁ..' ଏକ ଭିନ୍ନ ସ୍ୱାଦର ସାଂସ୍କୃତିକ କାର୍ଯ୍ୟକ୍ରମ ନୋସି କଲଚ୍ୟୁରାଲ ଏକାଡେମି ଦ୍ୱାରା ଆୟୋଜନ କରାଯାଇଥିଲା । ଏଥିରେ ନୋସିର ଉପସଭାପତି ସୁବ୍ରତ ନାୟକ ଓ ରୁଚିକା ନାୟକ ଦମ୍ପତି ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ବସ୍ତାର ବିଧାୟିକା ତଥା ସଫଳ ରାଜନୈତିକ ଦମ୍ପତି ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ସଫଳ ନିଆରା ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାରସ୍ୱତ ଦମ୍ପତି- ଜ୍ୟୋତ୍ସ୍ନା ଓ ଗଂଗାଧର ବିଶ୍ୱାଳ, ଶିଳ୍ପୀ ଦମ୍ପତି - କନକ ଓ କେଶୁ ଦାସ, ନୃତ୍ୟଶିଳ୍ପୀ ଦମ୍ପତି - ଜୟମାଳା ଓ କାମିନୀକାନ୍ତ ଚୌଧୁରୀ, ସମାଜସେବୀ ଦମ୍ପତି - ସକୀଲା ଓ ମହମ୍ମଦ ଇସଲାମ୍ ବ୍ୟବସାୟୀ ଦମ୍ପତି - ରାଜଶ୍ରୀ ଓ ଲକ୍ଷ୍ମୀକାନ୍ତ ମିଶ୍ର ଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ସମସ୍ତ ଦମ୍ପତି ନିଜ ନିଜ ଜୀବନର ପ୍ରେମ କଥା ରଖିଥିବା ବେଳେ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ତାଛଡ଼ା ଉପସ୍ଥିତ ସବିତା ଓ କାର୍ତ୍ତିକ ଚନ୍ଦ୍ର ସାହୁ, ରଶ୍ମିରେଖା ଓ ପ୍ରଦୀପ କୁମାର ମହାପାତ୍ର, ମୀନତି ଓ ସୀତାନାଥ ଦାସ , ମୀନତି ଓ ମନୋଜ କୁମାର ପଣ୍ଡା ପ୍ରମୁଖ ଦମ୍ପତି ଉଭୟ ଉଭୟଙ୍କୁ ଗୋଲାପ ଫୁଲ ପ୍ରଦାନ କରି 'ଖାସ୍ ତୁମ ପାଇଁ....' କାର୍ଯ୍ୟକ୍ରମରେ ଯୋଡ଼ି ଯାଇଥିଲେ। ଏଥିସହ ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟାରେ କୁମାର ଅତନୁ, କୁମାର ଜୀବନ, କୁମାର ଏକାଦଶୀ, ପ୍ରବୀର କମିଳା, ଶ୍ରୀମତୀ ରଶ୍ମିରେଖା, କୁମାରୀ ରୂପାଲୀ, କୁମାରୀ ନନ୍ଦିନୀ, ସନ୍ତୋଷ ବିଶ୍ୱାଳ ସଂଗୀତ ପରିବେଷଣ କରିଥିବା ବେଳେ ଦୁର୍ଗେଶନନ୍ଦିନୀ ସିଂ, ଦେବାନନ୍ଦ ସିଂ ନୃତ୍ୟ ଓ ଡା ରଜନୀକାନ୍ତ ନାୟକ ମାଉଥ ଅର୍ଗାନ ବଜାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କନକଲତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ବୀଣାପାଣି ସରକାରୀ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର , ୧୬/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନ କୃଷ୍ଣପୁର ପଞ୍ଚାୟତର ସାନ କୃଷ୍ଣପୁର ଷାଠିଏ ଚେନ୍ ଠାରେ ବୀଣାପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏଥି ସହିତ ବିଦ୍ୟାଳୟର ବରେଣ୍ୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସେଣ୍ଡଙ୍କ କାର୍ଯ୍ୟ କାଳ ଶେଷ ହୋଇ ଥିବାରୁ ତାଙ୍କୁ ଏହି ଅବସରରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନ ଗୋବିନ୍ଦ ମଲ୍ଲିକ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଲିକ । ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଙ୍ଗାଧର ପରିଡା,ରମାକାନ୍ତ ପାଢ଼ୀ, ସସ୍ମିତା ନାୟକ, ମିନା କୁମାରୀ ମଲ୍ଲିକ,ସି ଆର ସି ସି ଶିବ ପ୍ରସାଦ ବାରିକ୍, ସ୍କୁଲ୍ ପରିଚାଳନା କମିଟି ସଭାପତି ରାମ ନାରାୟଣ ଦାସ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଶିକ୍ଷକ ମାନସ ରଞ୍ଜନ ଖମାରୀ ବାର୍ଷିକ ବିବରଣୀ ପାଠ କରି ଥିଲେ ଓ ପ୍ରଧାନ ଶିକ୍ଷକ ମାନଗୋବିନ୍ଦ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଶିକ୍ଷକ ସୂର୍ଯ୍ୟକାନ୍ତ ବେହେରା ମାନପତ୍ର ପାଠ କରିଥିଲେ ଏବଂ ଶିକ୍ଷୟତ୍ରୀ ସୁଚିତ୍ରା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ଉତ୍ସବରେ ଶିକ୍ଷକ ଜନ୍ମଞ୍ଜୟ ମଲ୍ଲିକ, ସୁଶାନ୍ତ ପାତ୍ର, କାହ୍ନୁ ଚରଣ ବେହେରା, ବିନୟ କୁମାର ସାହୁ ଓ ନୃତ୍ୟ ଗୁରୁ ସନ୍ତୋଷ କୁମାର ବାରିକ୍ ଟିପୁ ପ୍ରମୁଖ ସହଯୋଗ କରିଥିଲେ ।

# ସମ୍ବଲପୁରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର/ଭୁବନେଶ୍ୱର, ୧୬/୨ (ନି.ପ୍ର): ଗରିବ ଓ ସାଧାରଣ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଆମର ପ୍ରାଥମିକତାରେ ରହିଛି । ଏହି ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାରେ ବସବାସ କରୁଥିବା ୩ ଲକ୍ଷ ପରିବାର ତଥା ୧୫ ଲକ୍ଷ ଜନସାଧାରଣଙ୍କ ପାଖରେ ମୌଳିକ ସୁବିଧା ଉପଲବ୍ଧ କରାଇବା ସହ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ତଥା ଜୀବନଜୀବିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋମବାର ସମ୍ବଲପୁର ଅଇଁଠାପାଲି ଠାରେ ଆୟୋଜିତ ସୁଭଦ୍ରା ଶକ୍ତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା - ୨୦୨୬ର ଶୁଭ ଉଦଘାଟନ କରିବା ସହ ହିତାଧିକାରୀଙ୍କୁ ସରକାରୀ ଯୋଜନାର ଲାଭ ହସ୍ତାନ୍ତର କରିଛନ୍ତି ଶ୍ରୀ ପ୍ରଧାନ । ଏହି ଅବସରରେ ସେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ମାଧ୍ୟମରେ ସମ୍ବଲପୁରର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରିବା ପାଇଁ ଡବଲ ଇଞ୍ଜିନ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ସମୃଦ୍ଧ କୃଷକ, ସମୃଦ୍ଧ ସମ୍ବଲପୁର'- ଏହି ସଂକଳ୍ପକୁ ପାଥେୟ କରି ଜିଲ୍ଲାର କୃଷି ଅର୍ଥନୀତିକୁ ଆଗକୁ ନେବା ଆମ ଡବଲ ଇଞ୍ଜିନ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ସମ୍ବଲପୁର ଏକ କୃଷିଭିତିକ ଜିଲ୍ଲା ହୋଇଥିବାରୁ ଏଠାରେ ସାଧାରଣ ଚାଷ ସହ ମତ୍ସ୍ୟ ଓ ଦୁଗ୍ଧ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ସରକାରୀ ସହାୟତା ଯୋଗାଇ ଦିଆଯାଉଛି । ଏମସିଏଲ ସହାୟତାରେ ନୂତନ ଗୋଦାମ ନିର୍ମାଣ ପାଇଁ ସହାୟତା ଦିଆଯାଇଛି । ସମ୍ବଲପୁରରେ ଥିବା ଓମଫେଡ୍ ପ୍ଲାଣ୍ଟରୁ କ୍ଷୀର ପାଉଡର, ଦହି ସମେତ ଅନ୍ୟାନ୍ୟ କ୍ଷୀର ଉତ୍ପାଦିତ ସାମଗ୍ରୀ ଉତ୍ପାଦନ କରାଯିବାର ଯୋଜନା ହେଉଛି। ଏହା ଦ୍ୱାରା ସ୍ଥାନୀୟ ଚାଷୀମାନେ ବହୁଳ ଭାବେ ଲାଭବାନ ହେବେ।

ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦେଇ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୩୧ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ କିଣାଯାଇସାରିଛି । ବଳକା ପ୍ରାୟ ୧ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ରାଜ୍ୟ ସରକାର ଚାଷୀଙ୍କ ପାଖରେ ଟୋକନ ପହଞ୍ଚାଇଛନ୍ତି । ଏଥିସହିତ 'କୃଷି ଉଦ୍ୟମୀ' ଯୋଜନାରେ କୋଟି କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇ ଯୁବପିଢ଼ିଙ୍କୁ ଏହି କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ପ୍ରୟାସ କରାଯାଉଛି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଜିଲ୍ଲାର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପିଡବ୍ଲୁଡି ଓ ଆରଡି ପକ୍ଷରୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ପାଖାପାଖି ସାଢେ ୩ ହଜାର କୋଟି ଟଙ୍କାର ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ସମ୍ବଲପୁରରେ କ୍ରିୟାନ୍ୱୟନ ହେଉଥିବା ରିଙ୍ଗ୍ ରୋଡ୍ ପ୍ରକଳ୍ପ ସମେତ ବିଭିନ୍ନ ସ୍ଥାନରେ ସଡ଼କପଥ ଭିତିଭୂମିର ବିକାଶ, ଓଭରବ୍ରିଜ୍ ନିର୍ମାଣ ଏବଂ ଆନୁଷଙ୍ଗିକ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ଶେଷ କରାଯାଉଛି । ସେହିପରି କେବଳ ସ୍ଥାନୀୟ ବିକାଶ ନୁହେଁ, ବରଂ ସମ୍ବଲପୁରର ବୌଦ୍ଧିକ ଓ ଶ୍ରମ ଶକ୍ତିକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ହସ୍ପିଟାଲିଟି ସେକ୍ଟରରେ ଭାରତୀୟ ଶିଳ୍ପ ସଂଘ(ସିଆଇଆଇ) ସହାୟତାରେ ଯୁବବର୍ଗଙ୍କୁ ଚୟନ କରାଯାଇ ଜାପାନ ଓ ଡେନମାର୍କ ଭଳି ଦେଶକୁ ପଠାଯିବାର ଯୋଜନା ହୋଇଛି । କୃଷି, ହର୍ଟିକଲଚର, ମତ୍ସ୍ୟ ଓ ପଶୁପାଳନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରତିଟି ପରିବାରର ଜୀବନଶୈଳୀରେ ଉନ୍ନତି ଆଣିବା ଏବଂ ସମ୍ବଲପୁରକୁ ଏକ ସମୃଦ୍ଧ ଓ ଆଧୁନିକ ଜିଲ୍ଲା ଭାବେ ଗଢ଼ିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି। ଏହି ମେଳା ଅବସରରେ ଶ୍ରୀ ପ୍ରଧାନ କିଛି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିବା ସହ ଏମସିଏଲର ସିଏସଆର ପଦକ୍ଷେପ ଅନ୍ତର୍ଗତ ଚାଷୀମାନଙ୍କୁ ଅଧିକ କ୍ଷୀର ଦେଉଥିବା ଗାଈ ବିତରଣ କରିଥିଲେ ।

# ଦୟାନଦୀରେ ୬୩ କୋଟି ଟଙ୍କାର ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ଭୂମି ପୂଜନ କଲେ ବିଧାୟକ

ଭୁବନେଶ୍ୱର, ୧୬/୨ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀ ଟିଙ୍କରପଡା ପଞ୍ଚାୟତ ର ଗଙ୍ଗେଶ୍ୱରପୁର ନିକଟ ଦୟାନଦୀ ରେ ୬୩ କୋଟି ଟଙ୍କାର ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପ ର ଭୂମି ପୂଜନ ହୋଇଯାଇଛି ।ଭୂମି ପୂଜନ ଉତ୍ସବ ରେ ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଭୁବନେଶ୍ୱର ବ୍ଲକ୍ ଅଧ୍ୟକ୍ଷ ନିରୁପମା ସାହୁ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଶୁଭ ଦେଇଥିଲେ । ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ ,ପ୍ରଗତି ପଥେ ଆମ ଏକାମ୍ର ନିର୍ବାଚନ ମଣ୍ଡଳୀ ।ଏକାମ୍ର ନିର୍ବାଚନ ମଣ୍ଡଳୀ ଟିଙ୍କରପଡା ପଞ୍ଚାୟତ ର ଗଙ୍ଗେଶ୍ୱରପୁର ନିକଟ ଦୟାନଦୀ ରେ ୬୩ କୋଟି ଟଙ୍କାର ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପ ର ଭୂମି ପୂଜନ କରିଲୁ ।ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବର୍ଷସାରା ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି, ଜଳସେଚନ, ପାନୀୟ ଜଳ ଯୋଗାଣ, ଶିଳ୍ପ ଆବଶ୍ୟକତା ଏବଂ ବନ୍ୟା ନିୟନ୍ତ୍ରଣ କରିବା ।ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ମୁଖ୍ୟ ବିଶେଷତା ହେଉଛି ନଦୀରୁ ବୃଥାରେ ଯାଉଥିବା ଜଳକୁ ସଂରକ୍ଷଣ କରିବା ।କୃଷି କ୍ଷେତ୍ରରେ ଜଳସେଚନ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳ ସୁବିଧା ଏବଂ ମତ୍ସ୍ୟ ବିକାଶ ।ଭୂତଳ ଜଳସ୍ତର ବୃଦ୍ଧି କରିବା ଏବଂ ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରିବା । ବର୍ଷସାରା ଜଳପ୍ରବାହ ସଂରକ୍ଷଣ କରି ଭୂତଳ ଜଳସ୍ତରର ପରିବର୍ତ୍ତନକୁ ହ୍ରାସ କରିବା, ପାନୀୟ ଜଳ, ଘରୋଇ, ଜଳସେଚନ, ଶିଳ୍ପ ଏବଂ ମତ୍ସ୍ୟ ବିକାଶ ଆବଶ୍ୟକତା ପୂରଣ କରିବା ଏବଂ ବନ୍ୟା ନିୟନ୍ତ୍ରଣ କରିବା ପାଇଁ ଏହି ଯୋଜନା ଲକ୍ଷ୍ୟ ବୋଲି ବିଧାୟକ ଶ୍ରୀ ସିଂ କହିଛନ୍ତି।

# ଅପରେସନ ସାଇବର କବଚରେ ୩୦୪ ବେନାମୀ ବ୍ୟାଙ୍କ ଆକାଉଂଟ୍ ଯାଂଚ : ୨୦ ଗିରଫ

ଭୁବନେଶ୍ୱର, ୧୬/୨ (ନି.ପ୍ର): ସାଇବର ଅପରାଧ ନେଟୱ୍ୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ' ଜାରି ରହିଛି । ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଠକେଇ ପାଇଁ ବ୍ୟବହାର ହେଉଥିବା 'ବେନାମୀ ବ୍ୟାଙ୍କ ଆକାଉଂଟ'ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସମଗ୍ର ରାଜ୍ୟରେ ମୋଟ ୩୦୪ଟି ବେନାମୀ ବ୍ୟାଙ୍କ ଆକାଉଂଟ୍ ଯାଂଚ କରାଯାଇଛି । ପୋଲିସ ୧୭ଟି ନୂତନ ସାଇବର ମାମଲା ରୁଜୁ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ୨୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହା ବ୍ୟତୀତ ସନ୍ଦିଗ୍ଧ ଆକାଉଂଟଧାରୀ ଓ ସାଇବର ଅପରାଧରେ ସହାୟତା କରୁଥିବା ୪ ଜଣ ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି ।

ଏହି ଅଭିଯାନରେ କେନ୍ଦୁଝର ଜିଲ୍ଲା ପୋଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଂଟ ଯାଂଚ କରି ୬ଟି ମାମଲା ରୁଜୁ ସହ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେହିପରି ସମ୍ବଲପୁର ଜିଲ୍ଲା ପୋଲିସ ୬୩ଟି ବେନାମୀ ଆକାଉଂଟ ଯାଂଚ କରି ୮ଟି ମାମଲା ରୁଜୁ ସହ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ବୌଦ୍ଧ ଜିଲ୍ଲା ପୋଲିସ ୪ଟି ବେନାମୀ ଆକାଉଂଟ ଯାଂଚ କରାଯାଇ ୨ଟି ନୂତନ ମାମଲା ରୁଜୁ ହେବା ସହ ୪ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି । ସେହିପରି ପୁରୀ ଜିଲ୍ଲା ପୋଲିସ ୭ଟି ବେନାମୀ ଆକାଉଂଟ ଯାଂଚ କରିଛି । ସେହିପରି ନବରଙ୍ଗପୁର ଜିଲ୍ଲା ପୋଲିସ ବେନାମୀ ଆକାଉଂଟ ଯାଂଚ ପରେ ୧ଟି ନୂତନ ସାଇବର ମାମଲା ରୁଜୁ କରିଛି ।

ଏହି ଅଭିଯାନରେ ଜିଲ୍ଲା ଏସ.ପି. ଏବଂ ଡି.ସି.ପି. ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର ଟିମ୍ ସାମିଲ ହୋଇଥିଲେ । ସାଇବର ଅପରାଧୀଙ୍କ ଆର୍ଥିକ ଭିତିଭୂମିକୁ ନଷ୍ଟ କରିବା ଏହି 'ସାଇବର କବଚ' ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଜନସାଧାରଣଙ୍କ ଡିଜିଟାଲ୍ ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ସଂକଳ୍ପ ବଦ୍ଧ ।

# ବାବା ବାଳକାନନ୍ଦ ଦାସଙ୍କ ବିୟୋଗରେ ବୈଦିକ ଶାନ୍ତି ଯଜ୍ଞ ଓ ସଂକୀର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୧୬/୨ (ନି.ପ୍ର): ମାଳିକାପୁରୁଷ, ଜୌଳକା ମହାପୁରୁଷ ବାବା ବୈକୁଣ୍ଠନାଥଙ୍କ ସମର୍ପିତ ଶିଷ୍ୟ ବାବାଜୀ ବାଳକାନନ୍ଦ ଦାସଙ୍କ ବିୟୋଗରେ ଆର୍ଯ୍ୟ ସମାଜ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ସଭାଗୃହରେ ବୈଦିକ ଶାନ୍ତି ଯଜ୍ଞ, ସଂକୀର୍ତନ ଉତ୍ସବ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବୈଦିକ ଶାନ୍ତି ଯଜ୍ଞକୁ ପଣ୍ଡିତ ବିନୋଦ ବିହାରୀ ଦାସ ଓ ପଣ୍ଡିତ ପ୍ରମୋଦ କୁମାର ଦାସ ପରିଚାଳନା କରିଥିଲେ ଏବଂ ଆର୍ଯ୍ୟ ସମାଜ, ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଶ୍ରୀମତୀ ଆରତୀ ଜ୍ଞାନେନ୍ଦ୍ର ଜଜମାନ ଥିବାବେଳେ ବିଶିଷ୍ଟ ସନ୍ଥ, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ପୂର୍ଣ୍ଣାହୂତିରେ ଭାଗ ନେଇ ବାବା ବାଳକାନନ୍ଦଙ୍କୁ ଜଣେ ଖୋଲା ହୃଦୟର ସନ୍ଥ ବୋଲି ବର୍ଣ୍ଣନା କରିଥିଲେ ।

ଖୋର୍ଦ୍ଧାଜିଲ୍ଲା ସଂକୀର୍ତନ ମଣ୍ଡଳୀର ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଗାୟକ ମାଧବ ଚନ୍ଦ୍ର ବେହେରା ଓ ସାଥୀମାନେ ସଂକୀର୍ତନ ପରିବେଷଣ କରି ସମସ୍ତ ପରିବେଶକୁ ଭକ୍ତି ଓ ରସାମୃତ କରି ଦେଇଥିଲେ । ସ୍ମୃତିଚାରଣ ସଭାରେ ବୁଦ୍ଧଦେବ ମିଶ୍ର, ଗୋପାଳକୃଷ୍ଣ ମହାପାତ୍ର, ଅଭିମନ୍ୟୁ ପାଢୀ, ସୁବାଷ ଚନ୍ଦ୍ର ମଲ୍ଲିକ, ନଳିନୀକାନ୍ତ ରାଉତ ପ୍ରମୁଖ ବାବା ବାଳକାନନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ପରଲୋକଗତ ଆତ୍ମାର ଶାନ୍ତି ପାଇଁ ଏକମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଆଶ୍ରମର ପରିଚାଳକ ଭବାନୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ୱିପ୍ରୋ ଆର୍ଥିୟାନ୍ ପ୍ରତିଯୋଗିତାରେ ଓଡ଼ିଶାର ଲୁଇସ୍ ବ୍ରେଲି ଦୃଷ୍ଟି ବାଧିତ ବିଦ୍ୟାଳୟ ବିଜୟୀ

ଭୁବନେଶ୍ୱର, ୧୬/୨ (ନି.ପ୍ର): ପରିବେଶ ସନ୍ତୁଳନ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶାର ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରି ଏକ ନୂତନ ଇତିହାସ ରଚନା କରିଛନ୍ତି । ବେଙ୍ଗାଲୁରୁ ସ୍ଥିତ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟରେ ଏହି ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠିତ 'ୱିପ୍ରୋ ଆର୍ଥିୟାନ୍' ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡ୍ ଶ୍ରେଷ୍ଠ ୨୦ଟି ବିଜେତା ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି । ଏଥିସହ ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡ୍ ର ୪ ଜଣ ପ୍ରତିଭାବାନ ଛାତ୍ର ଏହି ଦଳରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି ।ନିକଟରେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ଲୁଇସ୍ ବ୍ରେଲି ସ୍କୁଲ୍ କୁ ସ୍ଥାୟୀତ୍ୱ ଏବଂ ଜଳ ସଂରକ୍ଷଣ ଉପରେ ଏକ ଉତ୍କୃଷ୍ଟ ପ୍ରକଳ୍ପ ଉପସ୍ଥାପନ କରିଥିବାରୁ ସମ୍ମାନିତ କରାଯାଇଛି ।

## ମୁଖ୍ୟ ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥିଙ୍କ ୨୧ ତମ ବ୍ୟାଚର ଦିକ୍ଷାନ୍ତ ସମାରୋହ

ଭୁବନେଶ୍ୱର, ୧୬/୨ (ନି.ପ୍ର): ମୁଖ୍ୟ ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥିଙ୍କ ୨୧ ତମ ବ୍ୟାଚର 'ଦିକ୍ଷାନ୍ତ ସମାରୋହ' ଅଗ୍ନିଶମ ଓ ବିପତି ନିରାପତା ନିସ୍ତାର ପ୍ରତିଷ୍ଠାନ ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହୋଇଯାଇଛି । କଠିନ ପରିଶ୍ରମ ଓ ଦକ୍ଷ ଟ୍ରେନିଂ ପରେ ଅଗ୍ନିଯୋଦ୍ଧାରୁ ମୁଖ୍ୟ ଅଗ୍ନିଯୋଦ୍ଧାକୁ ୧୮୩ ଜଣ ପଦୋନ୍ନତି ହୋଇଛନ୍ତି । ୧୨୦ କାର୍ଯ୍ୟ ଦିବସରେ ଟ୍ରେନିଂ ସମୟରେ ସମସ୍ତଙ୍କୁ ରଥଯାତ୍ରା, ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବାହର, ଯନ୍ତ୍ରପାତି ର ପ୍ରଶିକ୍ଷଣ, ଶିକ୍ଷା ପ୍ରଶିକ୍ଷଣ ,ଜଳରେ ରେସ୍କ୍ୟୁ, ଅଗ୍ନିନିରାପତା ସୁରକ୍ଷା ଭଳି ଟ୍ରେନିଂ ଦିଆଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାନିର୍ଦ୍ଦେଶକ ଅଗ୍ନିଶମ, ଗୃହରକ୍ଷୀ, ଓ ବେସାମରିକ ପ୍ରତିରକ୍ଷା ଡ ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଥିଲେ ।

# ଇଫ୍‌କୋ ପାରାଦ୍ୱୀପ ୟୁନିଟ ତରଫରୁ ଏସସିବି ମେଡିକାଲକୁ ଷ୍ଟିଲ ଚେୟାର ପ୍ରଦାନ




ପାରାଦୀପ, ୧୬/୨ (ନି.ପ୍ର): ଇଫ୍‌କୋ ପାରାଦ୍ୱୀପ ୟୁନିଟ ତରଫରୁ ଏସ ସି ବି ମେଡିକାଲ କଲେଜ ଓ ହସ୍ପିଟାଲ ର ମେଡ଼ିସିନ ବିଭାଗକୁ ୫୦ଗୋଟି ତିନି ଜଣିଆ ଷ୍ଟିଲ ଚେୟାର ପ୍ରଦାନ କରାଯାଇଅଛି । ଏସ. ସି. ବି ମେଡିକାଲ ନିଉ ମେଡ଼ିସିନ ବିଭାଗ ପରିସରରେ ପ୍ରଫେସର ଡା ଜୟନ୍ତ କୁମାର ପଣ୍ଡା ଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଏସ. ସି. ବି ମେଡିକାଲ କଲେଜ ଓ ହସ୍ପିଟାଲ ର ଅଧକ୍ଷା ପ୍ରଫେସର ଡା ଲୁସି ଦାସ, ମେଡିକାଲ ଅଧିକ୍ଷକ ଡ଼ା ଗୌଉମ କୁମାର ଶତପଥୀ, ଅତିରିକ୍ତ ଅଧିକ୍ଷକ ଜୋତ୍ରୀମୟ ନାୟକ, ମେଡ଼ିସିନ ବିଭାଗ ମୁଖ୍ୟ ଡ଼ା ସରୋଜ କୁମାର ତ୍ରିପାଠୀ,ଇଫ୍‌କୋ ପାରାଦ୍ୱୀପର ଲୋକ ସମ୍ପର୍କ ଅଧିକାରୀ ଡ଼ଃ ପ୍ରସନ୍ନ କୁମାର ବେଉ ରା ପ୍ରମୁଖ ଉପସ୍ଥିତ ରହି ମେଡ଼ିସିନ ବିଭାଗର ୭ଟି ୟୁନିଟ, ମେଡ଼ିସିନ ବହିର୍ବିଭାଗ, ମେଡ଼ିସିନ ଆଇ. ସି. ୟୁ, ଆଶୁ ଚିକିତ୍ସା ବିଭାଗ, ମେଡ଼ିସିନ କ୍ୟାବିନ୍ ସହିତ ରକ୍ତ କେନ୍ଦ୍ର ଓ ଅନ୍ୟ ଆବଶ୍ୟକ ସ୍ଥାନକୁ ପ୍ରଦାନ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଏସ. ସି. ବି ମେଡିକାଲ ଅଧକ୍ଷା ଡ଼ା ଲୁସି ଦାସ କହିଥିଲେ ଇଫ୍‌କୋର ଏହି ଚେୟାରଗୁଡ଼ିକ ମେଡିସିନ୍ ବିଲ୍ଡିଂରେ ରୋଗୀ ଓ ମେଡିସିନ୍ ବିଭାଗର ସୁବିଧା ବୃଦ୍ଧି କରିବାରେ ସହାୟକ ହେବ ବୋଲି କହିବା ସହ ଇଫ୍‌କୋ ର ବ୍ୟାପକ ସାମାଜିକ ଅବଦାନକୁ ମଧ ଉଚ୍ଚ ପ୍ରଶଂସା କରିଥିଲେ। ମେଡିକାଲ ଅଧିକ୍ଷକ ଡ଼ା ଗୌତମ ଶତପଥୀ ଇଫ୍‌କୋର ସମୟୋପଯୋଗୀ ସହଯୋଗକୁ ପ୍ରଶଂସା କରିବା ସହ ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ କେ.ଜେ. ପଟେଲ୍ ଓ ୟୁନିଟ୍ ହେଡ୍ ଶ୍ରୀ ପି.କେ. ମହାପାତ୍ରଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ। ଆଜିର କାର୍ଯ୍ୟକ୍ରମ କୁ ବିଶ୍ୱରଂଜନ ସାହୁ, ପ୍ରଭାତ କୁମାର ବେହେରା, ଦିବ୍ୟ ରଞ୍ଜନ ପରିଡା, ମାନସ ରଞ୍ଜନ ନାୟକ, ବିଭୁଦତ୍ତ ନାୟକ ଙ୍କ ସହିତ ନର୍ସିଂ ଅଫିସର ମାନେ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନୂଆଦିଲ୍ଲୀରେ ଏଆଇ...

ମାନବକୈନ୍ଦ୍ରିକ ପ୍ରଗତି ପାଇଁ କୃତ୍ରିମ ବୁଦ୍ଧିବତ୍ତା(ଏଆଇ)କୁ ବ୍ୟବହାର ପାଇଁ ଆମର ମିଳିତ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଆଇ ଆଜି ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଶିକ୍ଷା, କୃଷି, ଶାସନ ଏବଂ ଉଦ୍ୟୋଗ ଆଦି କ୍ଷେତ୍ରରେ ରୂପାନ୍ତର ଆଣୁଛି। ଏଆଇ ଇମ୍ପାକ୍ଟ ସମ୍ମିଳନୀ ଏ କ୍ଷେତ୍ରରେ ବିଭିନ୍ନ ଦିଗର ଆଲୋଚନାକୁ ସମୃଦ୍ଧ କରିବ। ସମ୍ମିଳନୀର ଫଳାଫଳ ଭବିଷ୍ୟତକୁ ନୂଆ ଦିଶା ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ଏଆଇ କ୍ଷେତ୍ରରେ ଆଗରେ ଥିବାରୁ ସେ ଦେଶର ୧୪୦ କୋଟି ଲୋକଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ଠାରୁ ଆରମ୍ଭ କରି ଚଳଚଞ୍ଚଳ ଷ୍ଟାର୍ଟଅପ୍ ପରିବେଶ ଏବଂ ନୂଆ ଗବେଷଣା ଆଦି ଏଆଇ କ୍ଷେତ୍ରରେ ଆମର ଅଭିଳାଷ ଓ ଦାୟିତ୍ୱକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଆମେରିକା ନେଲା...

ରତ୍ନଭଣ୍ଡାରର ସୁରକ୍ଷା, ଚାବି ହଜିବା ଓ ରତ୍ନ ଚୋରି ହୋଇ ବାହାର ରାଜ୍ୟକୁ ଯିବା ଅଭିଯୋଗ ଆଦି ୨୦୨୪ ନିର୍ବାଚନରେ ବନିଥିଲା ପ୍ରମୁଖ ପ୍ରସଙ୍ଗ । ଏବେ ପୁଣି ଥରେ ଏହାକୁ ନେଇ ଜୋର୍ ଧରିଛି ରାଜନୀତି । ତେବେ ଗଣତି ମଣତି ଆରମ୍ଭ ହେବ ହେବ ବୋଲି ହୋଇପାରୁନି । ଆଜି ମଧ ସରକାର ଜଣାଇଛନ୍ତି ଯେ, ସରକାର ଏସ୍‌ଓପିକୁ ଅନୁମୋଦନ ଦେବା ପରେ ଗଣତିମଣତି ଆରମ୍ଭ ହେବ। ତେଣୁ ଏହି ଶୁଭ ଦିନ କେବେ ଆସିବ ? ତାହା ଆଜିର ବୈଠକ ପରେ ବି ଅସ୍ପଷ୍ଟ ରହିଛି । ସତେ ଯେମିତି ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ! ସେପଟେ ୩ ମାସ ଭିତରେ ଗଣତି ମଣତି ସାରିବାକୁ ଏବଂ ଆଗାମୀ ବିଧାନସଭା ଅଧିବେଶନରେ ଜଷ୍ଟିସ ରଘୁବୀର ଦାସ କମିସନ ରିପୋର୍ଟ ଉପସ୍ଥାପନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

### ଗୁଜରାଟର ୩୩ଟି ସ୍କୁଲକୁ ...

ଏହି ଧମକ ସମସ୍ତ ସ୍କୁଲରେ ଆତଙ୍କ ସୃଷ୍ଟି କରିଥିଲା ଏବଂ ଅଭିଭାବକମାନଙ୍କ ମଧରେ ଚିନ୍ତା ସୃଷ୍ଟି କରିଥିଲା। ପୋଲିସ, ଅଗ୍ନିଶମ ବାହିନୀ, ବମ୍ ସ୍କ୍ୱାଡ୍ ଏବଂ ଡଗ୍ ସ୍କ୍ୱାଡ୍ ଦଳଗୁଡ଼ିକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ସ୍କୁଲଗୁଡ଼ିକୁ ଖାଲି କରାଯାଇଥିଲା ଏବଂ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଘରକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ସ୍କୁଲ ପରିସର ଏବଂ ଯାନବାହାନଗୁଡ଼ିକୁ ସମ୍ପୂର୍ଣ୍ଣ ଯାଞ୍ଚ କରାଯାଉଛି। ସୁରକ୍ଷା କାରଣରୁ ଭଦୋଦରାର ଉର୍ମି ସ୍କୁଲର ହଷ୍ଟେଲକୁ ମଧ ଖାଲି କରାଯାଇଥିଲା।ଭଦୋଦର ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ ପାଣ୍ଡେ କହିଛନ୍ତି ଯେ ସହର ଏବଂ ଜିଲ୍ଲାର ପ୍ରାୟ ୧୮ଟି ସ୍କୁଲକୁ ଇମେଲ୍ ମାଧମରେ ବୋମା ଧମକ ମିଳିଛି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ, ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି ଏବଂ ସମସ୍ତ ପିଲାଙ୍କୁ ସୁରକ୍ଷିତ ଭାବରେ ଘରକୁ ପଠାଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି। ସେ ଅଭିଭାବକ ଏବଂ ସ୍କୁଲ ପ୍ରଶାସନକୁ ଆତଙ୍କିତ ନହେବା ଏବଂ ସୁରକ୍ଷା ପ୍ରୋଟୋକଲ ପାଳନ କରିବାକୁ ନିବେଦନ କରିଛନ୍ତି। ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଅଛି ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି।

# ବାରିପଦାରେ ମହାଶିବରାତ୍ରି ପାଳିତ



ବାରିପଦା , ୧୬/୨ (ନି.ପ୍ର): ମହା ଶିବରାତ୍ରିରେ ବାବା ଦେବଦେବ ମହାଦେବଙ୍କ ବିଭିନ୍ନ ପୀଠରେ ଶିବରାତ୍ରି ବେଶ ଧୂମଧାମରେ ପାଳିତ ହେଉଛି। ମହା ଶିବରାତ୍ରୀରେ ଭକ୍ତ ମାନେ ସକାଳୁ ପୂଜାର୍ଚ୍ଚନା କରିବା ପରେ ସନ୍ଧ୍ୟା ସମୟରେ ଦୀପ ଜାଳି ରାତ୍ରୀ ଉଜାଗର ରହିଥାନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ବାରୁଣେଶ୍ୱର, ସିମିଳେଶ୍ୱର, ମଣିତ୍ରୀର କଖାରୁଆ ବୈଦ୍ୟନାଥ, ଐତିହାସିକ ପୀଠ ଖିଚିଂ, ବାବା ବୁଢ଼ାରାଉଳ ମଠ, ଦେବଶୋଳ ଶୈବପୀଠ ଆଦି ସ୍ଥାନରେ ଶିବରାତ୍ରି ଧୂମଧାମରେ ପାଳିତ ହେଉଥିବା ବେଳେ, ବାରିପଦାର ୫୦ରୁ ଉର୍ଦ୍ଧ ଛୋଟବଡ଼ ଶିବ ମନ୍ଦିରରେ ଆଜି ଶିବରାତ୍ରି ପାଳିତ ହେଉଛି। ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡକୁ ନଜରରେ ରଖି ପୋଲିସ ପ୍ରଶାସନ ତରଫରୁ ବିଭିନ୍ନ ପ୍ରମୁଖ ଶୈବପୀଠ ଗୁଡିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖାଯାଇଛି। ବିଶେଷକରି ବାରିପଦାର ପ୍ରସିଦ୍ଧ ଶୈବପୀଠ ବାରୁଣେଶ୍ୱର ମହାଦେବ, ବାବା ବୁଢ଼ାରାଉଳ ମଠରେ ଦିନ ତମାମ ଭକ୍ତଙ୍କର ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ଲୋକେ ମହାବେବଙ୍କୁ ପୂଜାର୍ଚ୍ଚନା କରିବା ସହିତ ଦୀପଜାଳି ଜାଗର ପାଳିଛନ୍ତି। ଅନେକ ସ୍ଥାନରେ ବିଭିନ୍ନ ବଦାନ୍ୟ ବ୍ୟକ୍ତି ଏବଂ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଉଦେଶ୍ୟରେ ସର୍ବତ, ଲସି, ଥଣ୍ଡା ପାନୀୟ ଜଳ ଆଦି ପ୍ରଦାନ କରାଯାଉଥିବାର ଦେଖା ଯାଇଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ନୂତନ କାର୍ଯ୍ୟସୂଚୀ

ବାରିପଦା, ୧୬/୨ (ନି.ପ୍ର): ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଦ୍ୱାରା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ ହେବାକୁ ଯାଉଛି । ଏଥିରେ ଫେବୃଆରୀ ୧୮ ତାରିଖରେ ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ, କୁସୁମୀ ବ୍ଲକରେ ନିମନ୍ତେ ଫେବୃଆରୀ ୨୪ ତାରିଖ ବାଦାମପାହାଡ ୟୁ.ଜି.ଏମ.ଇ. ବିଦ୍ୟାଳୟ ପରିସରରେ ଓ ଫେବୃଆରୀ ୨୬ ତାରିଖ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ । ତେଣୁ ହିତାଧିକାରୀ ମାନେ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି । ପ୍ରକାଶ ଥାଉକି,ଭୀମ ଭୋଇ ସାମର୍ଥ୍ୟ ଶିବିର ହେଉଛି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଶକ୍ତିକରଣ ଶିବିର ବା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ଭିନ୍ନକ୍ଷମ ଥିବା ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ କରିବା। ଏହି ଶିବିର ଗୁଡ଼ିକରେ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ମାନଙ୍କ ମୂଲ୍ୟାଙ୍କନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବସ୍ ପାସ୍ ଭଳି ସୁବିଧା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥାଏ। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ଦସ୍ତାବିଜ (ଡକ୍ୟୁମେଣ୍ଟ) ଏବଂ ସୂଚନା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବ ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ: ଶେଷଦର୍ଶନ କଲେ ବହୁ ବିଶିଷ୍ଟ ବ୍ୟକ୍ତି



ନୀଳଗିରି, ୧୬/୨ (ନି.ପ୍ର): ନୀଳଗିରି ଏନ୍.ଏ.ସି ୨ନଂ ୱାର୍ଡ ଘାଟଘରସାହି ଅଞ୍ଚଳର ସ୍ୱର୍ଗତ ରମାନାଥ ବୀରବରଙ୍କ ଧର୍ମପତ୍ନୀ ତଥା ଅଞ୍ଚଳରେ ସୁନାମଧନ୍ୟା ମହିଳା ଉତ୍ତରା ଜେମାଦେବୀଙ୍କର ୮୮ବର୍ଷ ବୟସରେ ପରଲୋକ ହୋଇଛି। ସୂଚନା ଅନୁଯାୟୀ ଉତ୍ତରା ଜେମାଦେବୀ ଆଜିକୁ ଏକମାସ ପୂର୍ବରୁ ରକ୍ତହୀନତା ପାଇଁ ଅସୁସ୍ଥ ହେବାରୁ ଭୁବନେଶ୍ୱର ସ୍ଥିତ ସୋମ ଅଲଟିମେଟ ନାମକ ଘୋରେଇ ହସ୍ପିଟାଲରେ ଚିକିତ୍ସାହେଉଥିଲା ବେଳେ ରବିବାର ରାତ୍ରୀ ୧୦ଘଟିକା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବରପାଇ ନୀଳଗିରି ସହରରେ ଶୋକରଛାୟା ଖେଳିଯାଇଛି। ମରଶରୀରକୁ ଘାଟଘରସାହି ଅଣାଯାଇଥିଲା ବେଳେ ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ଚନ୍ଦ୍ରକାନ୍ତ ବୀରବର, ସାନପୁଅ ନିଶିକାନ୍ତ ବୀରବର, ଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସମାଜସେବୀ ସୁରଞ୍ଜନ୍ ମହାପାତ୍ର, ଶିଶିର କୁମାର ରାଉତ ସମେତ ନୀଳଗିରିର ବହୁ ବିଶିଷ୍ଟବ୍ୟକ୍ତି ଘାଟଘରସାହି ସ୍ଥିତ ବାସଭବନରେ ଶେଷଦର୍ଶନ କରିବାସହ ମାଲ୍ୟାର୍ପଣ କରିଥିଲେ। ସାନପୁଅ ନିଶିକାନ୍ତ ମୁଖାଗ୍ନି ଦେଇଥିବାବେଳେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଅଧାରୁ ପାଠପଢ଼ା ଛାଡ଼ିଲେ ଲକ୍ଷ୍ମୀ: ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ସୋମବାରୀ

ଉଦଳା, ୧୬/୨ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଠାକୁରା ସାହିର ଦୃଶ୍ୟ । ଏହି ସାହିର ବାସିନ୍ଦା ସୁମିତ୍ରା ସିଂଙ୍କର ୧୨ ବର୍ଷ ବୟସର କନ୍ୟା ଲକ୍ଷ୍ମୀ ସିଂ ଆଜକୁ ୩ ବର୍ଷ ତଳୁ ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ସେହିପରି ନବିନ ସିଂଙ୍କର ୧୫ ବର୍ଷ ବୟସର କନ୍ୟା ସୋମବାରି ସିଂ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଖବର ଆମର ହସ୍ତଗତ ହୋଇଛି । ଘଟଣା ସମ୍ପର୍କରେ ପଚାରି ବୁଝିବାରୁ ଲକ୍ଷ୍ମୀ ସିଂଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସେ ବିଦ୍ୟାଳୟରେ ମିଳୁଥିବା କୌଣସି ସରକାରୀ ସୁବିଧା ପାଇପାରିଲେ ନାହିଁ । ତାଚଡ଼ା ଆଜକୁ ୩ ବର୍ଷ ତଳେ ତାଙ୍କର ଦେହ ଅସୁସ୍ଥ ହେବାରୁ ସେ ଦିର୍ଘ ଦିନ ଧରି ବିଦ୍ୟାଳୟ ଯାଇପାରିଲେ ନାହିଁ । ସେ ସୁସ୍ଥ ହେବା ପରେ ତାଙ୍କୁ ବିଦ୍ୟାଳୟ ତରଫରୁ ଖୋଜା ମଧ ପଡ଼ିଲା ନାହିଁ । ଫଳରେ ଲକ୍ଷ୍ମୀ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଗ୍ରାମ ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବାର କହିଛନ୍ତି । ତେବେ ତାଙ୍କର ଅନୁପସ୍ଥିତିରେ ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡ଼ି ଚାଲିଛି କି କଟି ଯାଇଛି ତାହା ତାଙ୍କୁ ଜଣାନଥିବାର ଜଣାଇଛନ୍ତି । ଆଧାର କାର୍ଡ଼ ନଥିବା ଯୋଗୁଁ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ଲକ୍ଷ୍ମୀଙ୍କ ନାମ ଯୋଡ଼ା ଯାଇପାରୁ ନାହିଁ ବୋଲି ପରିବାର ଲୋକେ କହିଛନ୍ତି । ଫଳରେ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ପାଇବାରୁ ଲକ୍ଷ୍ମୀ ବଂଚିତ ଅଛନ୍ତି । ସେମବାରି ସିଂ ଆଦୌ ବିଦ୍ୟାଳୟର ମାଟି ମାଡ଼ି ନଥିବାର କଥା ଜଣାଇଛନ୍ତି । ତାଙ୍କର ଆଧାର କାର୍ଡ଼ ଅଛି । ତେବେ ତାଙ୍କୁ କେହି କାହିଁକି ବିଦ୍ୟାଳୟକୁ ନେଲେ ନାହିଁ ଓ ପାଠ ପଢ଼ାଇଲେ ନାହିଁ ତାହା ସେ ଜାଣିନଥିବାର କଥା କହିଛନ୍ତି । ସରକାରୀ ଫାଇଲ ଚାଷରେ ଯଦି କୌଣସି ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡ଼ି ଚାଲିଥିବ ତାହା ତାଙ୍କୁ ଜଣାନଥିବାର ଜଣାଇଛନ୍ତି । ଏହିଭଳି ମୟୂରଭଂଜ ଜିଲ୍ଲାରେ ବିଭିନ୍ନ କାରଣରୁ ଶହ ଶହ ସଂଖ୍ୟାରେ ପିଲା ଅଧାରୁ ପାଠପଢ଼ା ଛାଡୁଥିବା ବେଳେ, ବହୁ ସଂଖ୍ୟାରେ ପିଲା ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । କିନ୍ତୁ ସରକାରୀ ଫାଇଲ ଚାଷରେ ସବୁ ଠିକ୍ ଚାଲିଛି ବୋଲି ଦର୍ଶା ଯାଉଛି । ତେବେ ଶିକ୍ଷା ବିଭାଗର ଏଭଳି ପ୍ରହସନର ଯବନିକା କେବେ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହିଭଳି ଶହ ଶହ ସଂଖ୍ୟାରେ ଆଦିବାସି ପିଲାଙ୍କର ଭାଗ୍ୟ ଭୟଙ୍କର ଅନ୍ଧକାର ମଧକୁ ଠେଲି ହୋଇ ଯାଉଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ ନିରବ ଦ୍ରଷ୍ଟା ସାଜିବା ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି ।

# ଷଷ୍ଠ ହଂସଧ୍ୱନି ସଙ୍ଗୀତ ଓ ନୃତ୍ୟ ଉତ୍ସବ ମହାସମାରୋହରେ ଅନୁଷ୍ଠିତ



ବାସୁଦେବପୁର, ୧୬/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆ ଗଡ଼ିଆ ପଞ୍ଚାୟତର କମାରଗାଁ, ମିର୍ଜାପୁର ଠାରେ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଦୁଇ ଦିନ ଧରି ହଂସଧ୍ୱନି ନୃତ୍ୟ ଓ ସଙ୍ଗୀତ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିବସରେ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ସଙ୍ଗୀତ ମହାବିଦ୍ୟାଳୟର ସଭାପତି ମନ୍ମଥ କୁମାର ଅଗସ୍ତି। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଇନ୍ଦା ଅଂଶୁମାନ ଦ୍ୱିବେଦୀ, ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ ଧ୍ରୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଡକ୍ଟର ଶ୍ରୀନିବାସ ଘଟୁଆରୀ ମିଳନ ମଞ୍ଚ ସଂଯୋଜନା କରିଥିଲେ। ହଂସଧ୍ୱନି ଅନୁଷ୍ଠାନର ସମ୍ପାଦକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଦେବଲ ଦେବ ଜାନା ଓ ସାଥି ଭାରତ ନାଟ୍ୟମ୍ ପରିବେଷଣ କରିଥିଲେ। ଗଙ୍ଗାଧର କଳା ପରିଷଦ ପୁରୀ ପକ୍ଷରୁ ଏହି ଉତ୍ସବରେ ଶିଳ୍ପୀ ମାନେ ଗୋଟି ପୁଅ ନୃତ୍ୟ ପରିବେଷଣ କରିଥିଲେ। ଏହି ଉତ୍ସବରେ ଷ୍ଟାର ଗାୟକ ପ୍ରଭୁପଦ ଖୁବ୍ ସୁନ୍ଦର ଓ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ସଂଗୀତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂସ୍ଥାପକ ସଞ୍ଜୟ କୁମାର ପାଣିଗ୍ରାହୀ ଓ ଅଭିନେତା ମନିଷ ଅଗସ୍ତି। ଏହି ଉତ୍ସବରେ ଜ୍ଞାନ ରଞ୍ଜନ ସାହୁ, ନରେଶ ପାଣିଗ୍ରାହୀ, ଚିନ୍ମୟ ପଣ୍ଡା, ଶୁଭସ୍ମିତା ଧର, ସାଧନା ପାଣିଗ୍ରାହୀ, ମମତା ରାଣୀ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବରେ ଦ୍ୱିତୀୟ ଦିବସରେ ମନ୍ମଥ ଅଗସ୍ତି ସଭାପତିତ୍ୱ କରିଥିଲେ। ଏହି ଦିବସରେ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଉଦୟ ନାରାୟଣ ମଲ୍ଲିକ,ଭୁବନେଶ୍ୱର ନୁପୁର ଫାଉଣ୍ଡେସନର ନିର୍ଦ୍ଦେଶକ ଗୁରୁ ନିରଞ୍ଜନ ରାଉତ, ସମାଜସେବୀ ଗଣେଶ ତ୍ରିପାଠୀ । ସମସ୍ତ ଅତିଥି ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଗୁରୁ ଅଜିତା ନନ୍ଦ ଦେବ ଗୋସ୍ୱାମୀ, ଗୁରୁ ତପନ କୁମାର ବିଦ୍ ତବଲା ବାଦନ କରିଥିଲେ ଓ ଓମ୍ ପ୍ରକାଶ ଗିରି ବଂଶୀ ବାଦନ କରିଥିଲେ। ଏହି ଉତ୍ସବରେ ବିଭିନ୍ନ କଳାକାର ଓଡ଼ିଶୀ ନୃତ୍ୟ, କୁଚିପୁଡ଼ି ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀନିବାସ ଘଟୁଆରୀ , ମନିଷ ଅଗସ୍ତି ମଞ୍ଚ ସଂଯୋଜନା କରିଥିଲେ ଓ ସମୀର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ହଂସ ଧ୍ୱନି ଅନୁଷ୍ଠାନର ବାର୍ଷିକ ଉତ୍ସବରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ।

## ତିନି ଦିନ ହେଲା ଅନ୍ଧାରରେ ନୂଆଗୁଡା ଗାଁ

ମାଲକାନଗିରି, ୧୬/୨ (ନି.ପ୍ର): ଟ୍ରାନ୍ସଫର୍ମର ପୋଡି ଯିବାର ୩ ଦିନ ବିତିଯିବା ପରେ ବି ବିଦ୍ୟୁତ ସଂଯୋଗ ଦିଗରେ ଦୃଷ୍ଟି ଦେଉନି ସେବା ପ୍ରଦାନକାରୀ ସଂସ୍ଥା। ଅନ୍ୟପଟେ ଏଭଳି ସମୟରେ ବିଦ୍ୟୁତ ସଂଯୋଗ ପରିବର୍ତ୍ତେ ପୁରୁଣା ବକେୟା ବିଲ ପୈଠ କରିବାକୁ କହୁଛନ୍ତି ବିଦ୍ୟୁତ ସେବା ପ୍ରଦାନକାରୀ ସଂସ୍ଥା। ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଏମଭି ୭୯ ଗ୍ରାମକୁ ଲାଗି ରହିଥିବା ନୂଆଗୁଡା ଗ୍ରାମରେ। ସୂଚନା ଅନୁଯାୟୀ, ଗତ ଗୁରୁବାର ଦିନ ନୂଆଗୁଡା ଗ୍ରାମରେ ଥିବା ଟ୍ରାନ୍ସଫର୍ମରଟି ଅଚାନକ ସଟସର୍କିଟ ଯୋଗୁଁ ପୋଡି ଯାଇଥିଲା। ଏହାପରେ ଗ୍ରାମବାସୀ ବିଦ୍ୟୁତ ସରବରାହ ସଂସ୍ଥାକୁ ଅବଗତ କରାଇଥିଲେ। ତେବେ ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଟ୍ରାନ୍ସଫର୍ମର ଯୋଗାଇ ଦେବା ପରିବର୍ତ୍ତେ କିଛିବର୍ଷ ପୁରୁଣା ବକେୟା ଟଙ୍କା ପୈଠ କରିବା ପରେ ଟ୍ରାନ୍ସଫର୍ମର ମରାମତି କରାଯିବ ବୋଲି କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଆରୁହା ଗ୍ରାମରେ ସମ୍ବର୍ଦ୍ଧନା ଉତ୍ସବ ସହିତ ନାଟ୍ୟାଭିନୟ



ଜଳେଶ୍ୱର, ୧୬/୨ (ନି.ପ୍ର): ଶିବରାତ୍ରୀ ବ୍ରତ ସର୍ବଶ୍ରେଷ୍ଠ ଓ ସର୍ବକାମପ୍ରଦ ଅଟେ।ନିଷ୍ଠାର ସହିତ ଶିବରାତ୍ରୀ ଉପବାସ ଓ ଅଖଣ୍ଡଦୀପ ପ୍ରଜ୍ୱଳନ କଲେ ଜୀବନର ସମସ୍ତ ପାପତାପ ଦୂର ହୋଇଥାଏ ବିଶ୍ୱାସ ରହିଛି। ଏଥିପାଇଁ ଚଳଚଂଚଳ ହୋଇ ଉଠିଥିଲା ଜଳେଶ୍ୱର ଅଂଚଳର ସମସ୍ତ ଶିବ ମନ୍ଦିର। ତେଣୁ ଶିବ ମନ୍ଦିର ମାନଙ୍କରେ ରାତିରେ ବ୍ରତୀମାନେ ଉଜାଗର ରହି ଦୀପ ଜାଳିବା ପାଇଁ ଏକ ଭିନ୍ନ ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଜଳେଶ୍ୱର ବ୍ଲକ ଅଧିନସ୍ତ ଆରୁହା ଗ୍ରାମରେ ଥିବା ଶ୍ରୀ ଶ୍ରୀ ଇଶାଣେସ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଶ୍ରୀ ଶ୍ରୀ ଇଶାଣେସ୍ୱର ମହାଦେବ ପରିଚାଳନା କମିଟି ପକ୍ଷରୁ ଆରୁହା ଗ୍ରାମ ପଞ୍ଚାୟତ ସହଯୋଗରେ ସମ୍ବର୍ଦ୍ଧନା ଉତ୍ସବ ସହିତ ନାଟ୍ୟାଭିନୟ ଅନୁଷ୍ଠିତ ହୋଇଥିଲା। ଗ୍ରାମ ମୁଖ୍ୟ ଦେବ କୁମାର ନନ୍ଦୀଙ୍କ ସଭାପତିତ୍ୱରେ ତହସିଲଦାର ଶ୍ରୀଯୁକ୍ତ ସତ୍ୟଜିତ ମାହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ତହସିଲଦାର ଶ୍ରୀଯୁକ୍ତ ମହାନ୍ତିଙ୍କୁ ଗ୍ରାମର ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା କରାଯାଇ ଥିଲା।ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ କରିଥିଲା ବେଳେ ସଂପାଦକ ପ୍ରସନ୍ନ କୁମାର ଦାସ ବାର୍ଷିକ ବୀବରଣୀ ପାଠ କରିଥିଲେ।ସତ୍ୟରଞ୍ଜନ ପତି ମହାଦେବଙ୍କ ସ୍ତୁତି ଗାନ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ନନ୍ଦୀ, ଜନ୍ମଜୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପତି ଙ୍କୁ ମୁଖ୍ୟ ଅତିଥି ତହସିଲଦାର ସତ୍ୟଜିତ ମହାନ୍ତି ହସ୍ତରୁ ସମ୍ବର୍ଦ୍ଧନା ପତ୍ର ଓ ଉପଢକନ୍ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ସେହିପରି କଳାକାର ଅବନୀକାନ୍ତ ନନ୍ଦୀ, ପଙ୍କଜ କୁମାର ଗୀରିଙ୍କ ସହ ଅଞ୍ଚଳର ୨୦ ରୁ ଉର୍ଦ୍ଧ କଳାକାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇ ଥିଲା। ଶେଷରେ ଗ୍ରାମର ଉପ ସଭାପତି ରାମକୃଷ୍ଣ ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବରିଷ୍ଠ କିରାଣୀ ତରଣୀ କୁମାର ଭୂୟାଁଙ୍କ ପରିଚାଳନାରେ 'ମିଛ ସଂସାର' ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା।ଗ୍ରାମର କୁନି କୁନି ପିଲା ମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରାୟ ପାଞ୍ଚ ସହରୁ ଉର୍ଦ୍ଧ ବିଭିନ୍ନ ଅଂଚଳର ବ୍ରତି ମାନେ ଜାଗର ଜାଳି ଥିଲେ। ଭୋର ଚାରିଟା ସମୟରେ ମହାଦୀପ ଉଠିଥିଲା। ଗ୍ରାମ ପରିଚାଳନା କମିଟିର ସମସ୍ତ ସଦସ୍ୟ ମାନଙ୍କ ଦ୍ୱାରା ଏହି ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୋରାପୁଟଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

ଜୟପୁର, ୧୬/୨ (ନି.ପ୍ର): କୋରାପୁଟ ସ୍ଥିତ ସଦଭାବନା ସଭାଗୃହ ପରିସରରେ ଜ଼ିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗୋଷ୍ଠୀଗତ ଭାବେ ୪ଟି ଏବଂ ବ୍ୟକ୍ତିଗତ ଭାବେ ୨୮ଟି ମୋଟ ୩୨ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ତଥା ଜ଼ିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ୬ଟି ଅଭିଯୋଗର ତୁରନ୍ତ ସମାଧାନ କରିବା ସହ ଅନ୍ୟ ଅଭିଯୋଗ ଗୁଡ଼ିକୁ ଯଥା ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ ଓ ଜନଶୁଣାଣି ଶିବିରର ଶେଷରେ ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ୍ ୧ କୋଟି ୭୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା ।

୧୭ ଫେବୃଆରୀ ୨୦୨୬, ମଙ୍ଗଳବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମହିଳା ବିଜେଡ଼ିର ବରିଷ୍ଠ ଉପସଭାପତି ସୁନିତୀ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତକଲେ ପୂର୍ବତନ ବିଧାୟକ

ନୀଳଗିରି , ୧୬/୨ (ନି.ପ୍ର): ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଗତ ୧୫ତାରିଖ ବିଜୁଜନତା ଦଳର ନୂତନ ମହିଳାଟିମ୍ ର କଳେବର କରିଥିବା ବେଳେ ଏହି ଟିମରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତ ତେଣ୍ଡା ଗ୍ରାମର ଆଦିବାସୀ ନାରୀନେତ୍ରୀ ସୁନିତି ସିଂଙ୍କୁ ଦଳତରଫରୁ ବଡ଼ ଭୂମିକା ମିଳିଛି । ଶ୍ରୀମତୀ ସିଂଙ୍କ କାର୍ଯ୍ୟଦକ୍ଷତା ଏବଂ ଦଳପ୍ରତି ଆନୁଗତ୍ୟ ପାଇଁ ବିଜୁ ଜନତାଦଳ ମହିଳା ବ୍ରିଗେଡର ବରିଷ୍ଠ ଉପସଭାପତି ପଦବୀ ମିଳିଛି । ତାଙ୍କ ନିଯୁକ୍ତି ପରେ ବାଲେଶ୍ୱର ସମେତ ନୀଳଗିରି ନିର୍ବାଚନମଣ୍ଡଳୀରେ କର୍ମୀ ଏବଂ ନେତାଙ୍କ ମହଲରେ ଉତ୍ସାହ ଦେଖାଦେଇଛି । ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସହିତ ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସମାଜସେବୀ ମଦନମୋହନ ମାଝୀ, ବିଜେଡ଼ି ଯୁବନେତା ଉଦୟଜ୍ୟୋତି ମହାନ୍ତି, ଉପେନ୍ଦ୍ର ନାୟକଙ୍କ ସମେତ ବହୁ ବିଜେଡ଼ି କାର୍ଯ୍ୟକର୍ତ୍ତା ଶ୍ରୀମତୀ ସିଂଙ୍କ ବାସଭବନରେ ପହଞ୍ଚି ସୌଜନ୍ୟମୂଳକ ସାକ୍ଷାତକରିବା ସହ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ଦିନରେ ତାଙ୍କର ମାର୍ଗଦର୍ଶନରେ ଦଳ ମଜଭୁତ ହେବାସହିତ ମହିଳାମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ପ୍ରତିନିଧିତ୍ୱ ଉପରେ ଅଧିକ ଗୁରୁତ୍ୱଦେବାକୁ ଏହି ପ୍ରତିନିଧିମାନେ ଜଣାଇଥିଲେ । ଏହି ଅବସରରେ ଦଳ ଏବଂ ସୁପ୍ରିମୋ ତାଙ୍କୁ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଅଠଣଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ଉଦଳା, ୧୬/୨ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଅଠଣଗାଁସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ଦିବସବ୍ୟାପି ସାଧାରଣସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରି ବନ୍ଦିତା ଚୌଧୁରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉତ୍ସବକୁ ସଫଳ କରିବ ।ପାଇଁ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରି, ଅବିଭାବକ, ପରିଚାଳନା କମିଟି ଓ ଛାତ୍ର ଛାତ୍ରୀ ମାନେ ମିଳିମିଶି ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ସ୍ଥାନୀ ୟସରପଂଚ ବିଜୟା ମୁର୍ମୁ ଓ ଉଦଳା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ରୀ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ, ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ବଂଚି ରହିବା ପାଇଁ ଶିକ୍ଷା କିପରି ଅତ୍ୟାବଶ୍ୟକରେ ପରିଣତ ହୋଇଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ପଣ୍ଡା, ସିଆରସିସି ଦୀପକ କୁମାର ଦାସ, ଶ୍ୟାମାଖୁଂଟା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପ୍ତିମୟି ସିଂ, ଶିକ୍ଷକ ଅକ୍ଷୟ କୁମାର ଦାସ, ପ୍ରିୟରଂଜନ ଦାସ, ଅବସରପ୍ରାପ୍ତ ଶିକ୍ଷୟିତ୍ରି ଜେମାମଣି ସେଠୀ ଓ ପରିଚାଳନା କମିଟି ସଭାପତି ମାନସ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପିଲାଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଚିହ୍ନଟ କରି ଏହାର ବିକାଶରେ ସହଯୋଗି ବନିବା ଓ ଦେଶ ଗଠନରେ ସହଯୋଗ କରିବାର ସବୁ ପ୍ରକାର ସୁଯୋଗ ସୃଷ୍ଟି କରାଇପାରିଲେ ଶିକ୍ଷାର ପ୍ରକୃତ ଉଦେଶ୍ୟ ପୁରଣ ହୋଇ ପାରିବ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶିକ୍ଷୟିତ୍ରି ସଂଗୀତା ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଟୁଇଁକିଲ ନାୟକ ବିବରଣି ପାଠ କରିଥିଲେ । ସହକାରୀ ଶିକ୍ଷୟିତ୍ରି ରଶ୍ମିତା ମିଶ୍ର ମଂଚ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଶିକ୍ଷକ ସୌମ୍ୟ ରଂଜନ ପରିଡ଼ା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଏହାପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଜାତୀୟସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାରିପଦା , ୧୬/୨ (ନି.ପ୍ର): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିଆରା ଢଙ୍ଗରେ ଉଦଘାଟିତ ହୋଇଯାଇଛି ଓ କ୍ଲବର ସଦସ୍ୟ ମାନେ ଅପରାହ୍ନରେ ମା ଅମ୍ବିକାଙ୍କ ନିକଟରେ ପୂଜା ଅର୍ଚ୍ଚନା କରି ଏକ ମଶାଲ ରେଲିରେ ଷ୍ଟେସନ ବଜାର ନିକଟରେ ପହଞ୍ଚିଥିଲେ ଓ ଉକ୍ତ ସ୍ଥାନରୁ ଶଗଡ଼ ଗାଡି ଶୋଭାଯାତ୍ରାରେ ପ୍ରତ୍ୟେକ ଦଳର ମାଲିକ ଓ ଆଇକନ ଖେଳାଳି ପଡିଆରେ ପହଂଚିଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ପଡିଆ ମଝିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ଆତିଶବାଜୀ ଭିତରେ ଚମ୍ପିୟାନ ଟ୍ରଫିକୁ ଉନ୍ମୋଚିତ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଯୁବ ନେତା ତଥା ଶକ୍ତିମାନ ଜିମନାସିୟମର ପ୍ରତିଷ୍ଠାତା ପରେଶ ମହାନ୍ତ, ବିଶିଷ୍ଟ କ୍ରୀଡା ସଂଗଠକ ଗିରିଶ ଚନ୍ଦ୍ର ଦାସ, କାଉନସିଲର ବିବେକାନନ୍ଦ ନାୟକ ଓ ଅନନ୍ତ ଦାସ ତଥା ଉଦ୍ୟୋଗପତି ପ୍ରହଲ୍ଲାଦ ବେହେରା, ବରୁଣ ଘୋଷ ପ୍ରମୁଖ ଯୋଗ ଦେଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଗଦାଧର ନାୟକ, ଉପ ସଭାପତି ରତିକାନ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ସରୋଜ ଶତପଥି ଓ ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର, କୋଷାଧକ୍ଷ ଶ୍ରୀକାନ୍ତ ବାରିକ, ସହ କୋଷାଧକ୍ଷ ସନ୍ଦୀପ୍ତ ମଉଳିକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ଓ ଆଜିର ଏକ ମାତ୍ର ମ୍ୟାଚ ବଜରଙ୍ଗୀ ଦି ସାଭିୟାର ଓ ଦାନୀ - ୧୧ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ଓ ଦାନୀ - ୧୧ ଦଳ ବଜରଙ୍ଗୀ ଦି ସାଭିୟାରକୁ ୮୯ ରନରେ ପରାସ୍ତ କରିଥିଲା ଓ ରତିକାନ୍ତ ଦାସ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବା ବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ଏହି ଟୁର୍ଣ୍ଣାମେଣ୍ଟରେ ୧୦ ଟି ଦଳ ଅଂଶ ଗ୍ରହଣ କରିଛନ୍ତି ଓ ଚାମ୍ପିୟାନ ଦଳ ପାଇଁ ୨. ୫ ଲକ୍ଷ ଓ ରନର୍ସ ଅପ ପାଇଁ ୨ଲକ୍ଷ ପୁରସ୍କାର ରାଶି ରହିଥିବା ବେଳେ ଖେଳାଳି ମାନଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ମାନ ରହିଛି ଓ ପ୍ରତ୍ୟେକ ଦିନ ଅପରାହ୍ନ ୨ଟା ରୁ ୪ ଟି ଲେଖାଏଁ ମ୍ୟାଚ ଖେଳାଯିବ ଏବଂ ମାର୍ଚ୍ଚ ୧ ତାରିଖ ଫାଇନାଲ ମ୍ୟାଚ ଖେଳାଯିବ ।

# କବାଡି ଦୋକାନରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ଜୟପୁର, ୧୬/୨ (ନି.ପ୍ର): ଜୟପୁର ସହରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ଏକ କବାଡି ଦୋକାନରେ ଆଜି ଭୋରରୁ ନିଆଁ ଲାଗିଯାଇଛି । ଯାହା ଫଳରେ ପ୍ରାୟ ୩ଲକ୍ଷ ଟଙ୍କାର ସାମଗ୍ରୀ ଜଳି ପୋଡି ନଷ୍ଟ ହୋଇଯାଇଥିବା ନେଇ ଦୋକାନ ମଲିକ କହିଛନ୍ତି । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଛନ୍ତି । ପ୍ରାଥମିକ ତଦନ୍ତରୁ ଏହା କେହି ଜଣେ ନିକଟସ୍ଥ ପଡିଆରେ ନିଆଁ ଲଗାଇ ଦେଇଥିବା ଯୋଗୁଁ ନିଆଁ ତି କବାଡି ଦୋକାନରେ ଧରିଥିବା ଜଣାପଡିଥିବା ବେଳେ ତଦନ୍ତ ପରେ ଅଧିକ ତଥ୍ୟ ମିଳିପାରେ ବୋଲି ଅଗ୍ନିଶମ ଅଧିକାରୀ ପ୍ରକାଶ କରିଛନ୍ତି । ପ୍ରତିଦିନ ଭଳି ଗତକାଲି ରାତି ମଧ ଦୋକାନ ମାଲିକ ଶେଖ୍ ବିଲାଲ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ତେବେ ଆଜି ଭୋର ୩ଟା ସମୟରେ କବାଡି ଦୋକାନରେ ନିଆଁ ଲାଗିଥିବା ଦେଖି ତୁରନ୍ତ ସ୍ଥାନୀୟ ଲୋକଙ୍କୁ କହିବା ପରେ ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିବା ସହ ଦମକଳ ବାହିନୀଙ୍କୁ ସୂଚନା ଦେଇଥିଲେ ।

# ଜିଲ୍ଲାପାଳ ଏବଂ ଏସ୍ ପିଙ୍କ ନାଳିପଡା ଅର୍ଜୁନ ପୁର ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି



ଖୋର୍ଦ୍ଧା , ୧୬/୨ (ନି.ପ୍ର): ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମା ଙ୍କ ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ନାଳିପଡା ଅର୍ଜୁନ ପୁର୍ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜନଶୁଣାଣୀ ଶିବିରରେ ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା, ଲାଡେ ଗଜାନନ ଦୟାନନ୍ଦ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ବି ଡି ଓ, ଖୋର୍ଦ୍ଧା ଶ୍ରୀମତୀ କ୍ଷୀରାବ୍ଧୀ ତନୟା ସାହୁ, ତହସିଲଦାର, ଖୋର୍ଦ୍ଧା, ବିଭାଷ ପାଣିଗ୍ରାହୀ ସହକାରୀ ଜିଲ୍ଲାପାଳ ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୩୮ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୩୧ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୦୭ ଗୋଟି ଅଭିଯୋଗ ଆସିଥିଲା । ଶିବିରରେ ତତ୍କାଳ ୦୬ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି,ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ଡାକ୍ତର ଦେବେନ୍ଦ୍ର ନାଥ ଦାସଙ୍କ ସ୍ମୃତି ଚାରଣ ସଭା



ଭଦ୍ରକ , ୧୬/୨ (ନି.ପ୍ର): ଭଦ୍ରକ ବାଇପାସ ସ୍ଥିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ଡାକ୍ତର ଦେବେନ୍ଦ୍ର ନାଥ ଦାସଙ୍କ ସ୍ମୃତି ଚାରଣ ସଭା ଆଜି ସୋମବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜ, ମୁଖ୍ୟ ଅତିଥି ଭାବେ ଡାକ୍ତର ସୁଧୀରଞ୍ଜନ ନାୟକ, ସମ୍ମାନୀତ ଅତିଥି ଭାବେ ଡାକ୍ତର ପ୍ରଦୀପ ଖୁଣ୍ଟିଆ ଯୋଗଦେଇ ଡାକ୍ତର ଦାସ ଉପରେ ସ୍ମୃତି ଚାରଣ କରିଥିଲେ । ଡାକ୍ତର ଦାସ ଗତ ୩୦ ବର୍ଷ ତଳେ ତାଙ୍କ ବାପା ରାଘବାନନ୍ଦଙ୍କ ନାମରେ ଏହି ଚକ୍ଷୁ ଚିକିତ୍ସାଳୟ ସ୍ଥାପନ କରିଥିଲେ ଏହି ଚକ୍ଷୁ ଚିକିତ୍ସାଳୟ ନାମରେ ପ୍ରାୟ ୪୦ ଡ଼ିସିମିଲ ର ମୂଲ୍ୟବାନ ସମ୍ପତି, ଘର ଓ ଆବଶ୍ୟକ ଉପକରଣୀୟ ସରକାରଙ୍କୁ ଦାନ କରିଦେଇଥିଲେ ଓ ଏହା ଏକ ଉତ୍ତମ ପଦକ୍ଷେପ ବୋଲି ଅତିଥି ମାନେ କହିଥିଲେ କିନ୍ତୁ ଅପରପକ୍ଷେ ଚକ୍ଷୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଚକ୍ଷୁ ଚିକିତ୍ସାଳୟ ରେ ଆବଶ୍ୟକୀୟ ଉପକରଣ ନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା ଯାହାକି ପ୍ରତିଦିନ ଶହ ଶହ ରୋଗୀ ଚକ୍ଷୁ ଚିକିତ୍ସାର ସୁବିଧା ପାଇ ନପାରି ଫେରୁଛନ୍ତି ବୋଲି ବକ୍ତବ୍ୟ ରେ କହିଥିଲେ । ଖୁବ ଶୀଘ୍ର ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ ବୋଲି ଡାକ୍ତର ଶ୍ରୀ ନାୟକ କହିଥିଲେ । ସାମାଜିକ କର୍ମୀ ପ୍ରକାଶ ଜେନା ମଞ୍ଚ ଆମନ୍ତ୍ରଣ, କମିଟି ପକ୍ଷରୁ ନବଘନ ଦାସ ଅତିଥିଙ୍କ ପରିଚୟ ପ୍ରଦାନ,ଅଧ୍ୟାପକ ମୃତ୍ୟୁ ଞ୍ଜୟ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଷ୍ଟେନୋ ବିଶ୍ୱନାଥ ପରିଡା,ଡାକ୍ତର ବୈରାଗୀ ଗାହାଣ, କାର୍ତ୍ତିକ ସାମନ୍ତ,ଖବରଦାତା ପ୍ରଦୀପ ବଳ,ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଗାମୀ ୨ ଦିନ ଘନ କୁହୁଡ଼ି ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ

ଭୁବନେଶ୍ୱର, ୧୬ ଫେବୃଆରୀ (ହି.ସ.)- ଆଗାମୀ ୨ ଦିନ ମଧ୍ୟରେ ଅର୍ଥାତ୍ ୧୮ ତାରିଖ ସକାଳ ସୁଦ୍ଧା ଘନ କୁହୁଡ଼ି ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଆଗାମୀ ୨୪ ଘଂଟା ମଧ୍ୟରେ ଅର୍ଥାତ୍ ୧୭ ତାରିଖ ସକାଳ ସୁଦ୍ଧା ଘନ କୁହୁଡ଼ି ନେଇ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ । ସେହିପରି ୧୭ ତାରିଖ ସକାଳ ଠାରୁ ୧୮ ତାରିଖ ସକାଳ ସୁଦ୍ଧା ଘନ କୁହୁଡ଼ି ନେଇ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

# ହୃଦ୍‌ଘାତରେ ବରିଷ୍ଠ ସାମ୍ବାଦିକ ବାସୁଦେବ ରାଉଳଙ୍କ ପରଲୋକ

ବାଲେଶ୍ୱର, ୧୬/୨ (ନି.ପ୍ର): ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବର ଉପସଭାପତି ସାମ୍ବାଦିକ ବାସୁଦେବ ରାଉଳ(୬୧)ଙ୍କର ହୃଦଘାତରେ ସୋମବାର ପରଲୋକ ହୋଇଛି । ବାଲେଶ୍ୱର ସହରର ଟୁଲଙ୍କସାହି ସ୍ଥିତ ବାସଭବନରେ ଥିବାବେଳେ ଆଜି ଅପରାହ୍ଣ ପ୍ରାୟ ୪ଟା ୪୫ବେଳେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଧୀରେ ଧୀରେ ଯନ୍ତ୍ରଣା ବଢ଼ିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଥିଲେ । ଡାକ୍ତର ଚିକିତ୍ସା ଆରମ୍ଭ କରିବାର ସ୍ୱଳ୍ପ ସମୟ ମଧ୍ୟରେ ତାଙ୍କର ପରଲୋକ ହୋଇଯାଇଥିଲା । ପୂର୍ବରୁ ଏକାଧିକ ରୋଗ ପାଇଁ ହୋଇ ଖାଇଥିବା ଔଷଧର ପ୍ରତିକ୍ରିୟା ସ୍ୱରୂପ ହୃଦଘାତରେ ତାଙ୍କର ଜୀବନ ଯାଇଥିବା ପ୍ରାଥମିକ ପରୀକ୍ଷାରୁ ଡାକ୍ତର ଜାଣିବାକୁ ପାଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଅହଲ୍ୟା ରାଉଳ, ପୁତ୍ର ଶିବ ଶଙ୍କର, ପତ୍ରବୋଧୂ ପୁଷ୍ପଲତା, କନ୍ୟା ବର୍ଷାରାଣୀ ମଲ୍ଲିକ ଓ ତିଳୋତ୍ତମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ଦେବବ୍ରତ ପାଣିଗ୍ରାହୀ, ଉଜ୍ଜ୍ୱଳ ଚନ୍ଦ୍ର କର, ଗଙ୍ଗାଧର ରାଉତ, ସନ୍ଦୀପ୍ତ ଦାସ, ଗଗନ ସେଠୀ, ମହେଶ୍ୱର ପ୍ରଧାନ, ଗୟାଧର କର, ସୁଶାନ୍ତ ଦାସ, ଶରତ ସାମଲଙ୍କ ସମେତ ବାଲେଶ୍ୱରର ବହୁ ସାମ୍ବାଦିକ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ସେହିଭଳି ଟୁଲଙ୍କସାହି ଘରେ ମୃତ ଶରୀର ପହଞ୍ଚିବା ପରେ ଜ୍ଞାତି କୁଟୁମ୍ବ ଓ ସମ୍ପର୍କୀୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ଉତ୍ତର ବାଲେଶ୍ୱର ସଂଯୋଜକ ସୁକୁମାର ରଣା,ବରିଷ୍ଠ ସାମ୍ବାଦିକ ଆରତୀ ଦାସ,ଦିଲୀପ ଦାସ,ସ୍ୱରିତ ସ୍ୱପନ ପଣ୍ଡା, ରାଧାକାନ୍ତ ପ୍ରଧାନ ପ୍ରମୁଖ ବହୁ ଗଣ ମାଧ୍ୟମ ପ୍ରତିନିଧି ସ୍ୱର୍ଗତ ରାଉଳଙ୍କ ଆକସ୍ମିକ ବିୟୋଗ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଜମ୍ଭେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର, ୧୬/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗରସଙ୍ଗ ସ୍ଥିତ ଜମ୍ଭେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ର ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ୍ୟ ରତ୍ନାକର ହାତୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛ । ଏଥିରେ ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଧାମନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ୍ୟ ପବିତ୍ର ମୋହନ ପାଣିଗ୍ରାହୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସୁଷମା ମହାପାତ୍ର, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ଦାସ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ । ଅଧ୍ୟାପକ ସମୀର କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ କିରାଣୀ କମଲ କୁମାର ବାରିକ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ ।ଉକ୍ତ ମହାବିଦ୍ୟାଳୟର +୨ର ଅଧକ୍ଷ,ଅଧ୍ୟାପକ,ଅଧ୍ୟାପିକା ଙ୍କ ସମେତ କୌଣସି କର୍ମଚାରୀ ଉତ୍ସବରେ ଯୋଗ ଦେଇ ନଥିବାରୁ ପୂର୍ବତନ ସାଂସଦ ଅସନ୍ତୋଷ ପ୍ରକାଶ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଶୁଭଦର୍ଶନୀ ବେହେରା ।

# ମହାଶିବରାତ୍ରୀରେ ଶଙ୍ଖେଶ୍ୱର ପୀଠରେ ଦର୍ଶନଦେଲେ ନାଗଦେବତା

ନୀଳଗିରି, ୧୬/୨ (ନି.ପ୍ର): କଳିଯୁଗର ତାରଣକର୍ତ୍ତା ଦେବଦେବ ବାବା ଭୋଳାଶଙ୍କରଙ୍କ ପବିତ୍ର ଜାଗରଯାତ୍ରା ବା ମହାଶିବରାତ୍ରି ଅବସରରେ ଦେଖିବାକୁ ମିଳିଛି ଏକ ଅଲୌକିକ ଘଟଣା । ସଜନାଗଡ ପଞ୍ଚାୟତ ତେଣ୍ଡା ନିକଟସ୍ଥ କୁଳଡିହା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ବାବା ଶଙ୍ଖେଶ୍ୱର ମହାଦେବମନ୍ଦିରରେ ଏଭଳି ଘଟଣା ଦେଖିବାକୁ ମିଳିଛି । ବିଶାଳକାୟପଥର ଚଟିରି ତଳେ ମନ୍ଦିର ମଧ୍ୟକୁ ଭିତରେ ଭିତରେ ଗୋଟିଏ ସୁଡଙ୍ଗ ଥିବାରୁ ସେଇ ସୁଡଙ୍ଗଦେଇ ରାତ୍ର ପ୍ରାୟ ୩ଟା ସମୟରେ ନାଗରାଜ ଆସି କ୍ଷୀର ପିଇ ସକାଳ ୫ଟା ପର୍ଯ୍ୟନ୍ତ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ନାଗସାପ ବାହାରକୁ ଆସି କ୍ଷୀର ପିଉଥିବା ଖବରପାଇ ଶ୍ରଦ୍ଧାଳୁମାନେ ନାଗଦେବତାଙ୍କ ଦର୍ଶନପାଇଁ ଭିଡ ଲଗାଇଥିଲେ । ତେବେ ଏହି ଦର୍ଶନସମୟରେ ଶ୍ରଦ୍ଧାଳୁଙ୍କ ମନରେ କୌଣସି ଭୟଦେଖିବାକୁ ମିଳିନଥିଲା ।ପୁର୍ବରୁ ମଧ୍ୟ ବିଭିନ୍ନ ପର୍ବପର୍ବାଣିରେ ଏହି ନାଗଦେବତା ଦର୍ଶନ ଦେଇଥାନ୍ତି ବୋଲି ଶୁଣାଯାଏ ।

# ତ୍ରିକୁଟେଶ୍ୱର ମହାଦେବଙ୍କ ଜାଗର ଯାତ୍ରାରେ ଅନ୍ନଛତ୍ର



ବୈଶିଙ୍ଗା , ୧୬/୨ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଗ୍ରାମରେ ଅବସ୍ଥାପିତ ବାବା ତ୍ରିକୁଟେଶ୍ୱର ମହାଦେବଙ୍କ ୩ ଦିନିଆ ଜାଗର ମେଳାର ସୋମବାର ଦ୍ୱିତୀୟ ଦିବସରେ ବାବାଙ୍କ ପୀଠରେ ଅନ୍ନଛତ୍ର ବ୍ୟବସ୍ଥା ପୂର୍ବବର୍ଷ ମାନଙ୍କ ଭଳି ହୋଇଥିଲା । ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ମିଶ୍ରଙ୍କ ସଂଯୋଜନା ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ଯୁବକ ମାନଙ୍କ ସହଯୋଗରେ ମନ୍ଦିର ନିକଟରେ ଏହି ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା । ଦହିକୋଟୀ ବ୍ରାହ୍ମଣ ସାହି, ମହାନ୍ତ ସାହି ଓ ଭୂମିଜସାହି ବ୍ୟତିତ ଆଖପାଖ ୫ ଖଣ୍ଡ ଗ୍ରାମର ପୁରୁଷ, ମହିଳା ଓ ଯୁବକ ଯୁବତୀଙ୍କ ଭିଡ଼ ଲାଗିରହିଥିଲା । ପ୍ରାୟ ୫ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଏହି ଅନ୍ନଛତ୍ରରେ ସାମିଲ ହୋଇଥିଲେ । ଏହି ଅବସରରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସଞ୍ଜୟ ମିଶ୍ର, ସୀତାନାଥ ବେହେରା, ମଧୁସୂଦନ ମହାନ୍ତି, ଲିପୁନ ତ୍ରିପାଠୀ, ଅନୁପ କୁମାର ଓତା,ଭବାନୀ ଶଙ୍କର ମହାନ୍ତ, ଶିବଶଙ୍କର ମହାନ୍ତ, ରୂପରଞ୍ଜନ ମହାନ୍ତ, ଅନୁପମ ମିଶ୍ର, ଅଙ୍କିତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଏଭଳି ସାମୁହିକ କାର୍ଯ୍ୟ କାର୍ଯ୍ୟ କୁ ପୂର୍ବତନ ବିଧାୟକ ଶ୍ରୀ ପାତ୍ର ଉଚ୍ଚ ପ୍ରଶଂସା କରିବା ସହ ସୌରଭ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida